# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in

RNI No.ODIODI/2024/17847

୦୧ ବର୍ଷ | Volume-01

ISSUE - 25 | ସଂଖ୍ୟା-୨୫

ଭୁବନେଶ୍ୱର, ବୁଧବାର ୧୫, ଜାନୁଆରୀ ୨୦୨୫

Bhubaneswar, Wednesday, 15, January 2025

୦୮ ପୃଷ୍ଠା | Pages-08

ମୂଲ୍ୟ : ୭.୦୦ ଟଙ୍କା | Price : Rs.7.00

E-Mail : satyanews24.bbsr@gmail.com

Like, Follow & Subscribe Satya News24


## ଖଣ୍ଡଗିରି ଯାତ୍ରା ମଂଚରେ ହେବନି ଅଶ୍ଳୀଳ ନୃତ୍ୟ

ଭୁବନେଶ୍ୱର,୧୪।୧(ନି.ପ୍ର): ଚଳିତ ଥର ଖଣ୍ଡଗିରି ଯାତ୍ରା ମଂଚରେ ଅଶ୍ଳୀଳ ନୃତ୍ୟ ହେବ ନାହିଁ । ଏଭଳି ଅଶ୍ଳୀଳ ନୃତ୍ୟ କରୁଥିବା ନୃତ୍ୟାଙ୍ଗନା ମାନେ ମଂଚରେ ଚଢ଼ିବେନି । ଆଜି ପୁଲିସ ପ୍ରଶାସନ ଓ ଯାତ୍ରା କମିଟି ବୈଠକରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଉଲ୍ଲେଖନୀୟ ଯେ, ମାଘ ସପ୍ତମୀରୁ ଯାତ୍ରା ମହାକୁମ୍ଭ ଆରମ୍ଭ ହେବାକୁ ଯାଉଛି । ରାଜଧାନୀ ଭୁବନେଶ୍ୱରର ଖଣ୍ଡଗିରି ପାଦଦେଶ ରଙ୍ଗୀନ ଆଲୋକ ମାଳାରେ ଝଲସିବ । ଆଜି ଖଣ୍ଡଗିରି ଥାନା ପରିସରରେ ବସିଥିବା ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଯାତ୍ରା ଜଗତକୁ କଳଙ୍କିତ କରୁଥିଲେ କିଛି ନୃତ୍ୟଶିଳ୍ପୀ। ସେମାନଙ୍କୁ ଏଥର ମଂଚରେ ଡ୍ୟାନ୍ସ କରିବାକୁ ସୁଯୋଗ ଦିଆଯିବ ନାହିଁ। ଶୃଙ୍ଖଳିତ ଯାତ୍ରା ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ କରିବା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଏଥର ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ୧୨ଟି ଯାତ୍ରା ପାର୍ଟିଭାଗ ନେବେ ବୋଲି ଜଣା ପଡିଛି ।

# ପ୍ରବଳ ଜାଡ଼ : ବୁଡ଼ ପକାଇବା ପରେ ୩ ମୃତ

ପ୍ରୟାଗରାଜ,୧୪।୧: ୨୦୨୫ରେ ମକର ସଂକ୍ରାନ୍ତି ପବିତ୍ର ଅବସରରେ ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ମହାକୁମ୍ଭ ୨୦୨୫ ରେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଙ୍ଗମସ୍ଥଳରେ ପ୍ରଥମ ଅମୃତ ସ୍ନାନରେ ୩.୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଏହି କାର୍ଯ୍ୟକ୍ରମକୁ ଆସ୍ଥା, ଏକତା ଏବଂ ସାଂସ୍କୃତିକ ବିବିଧତାର ପ୍ରତୀକ ବୋଲି



### ସାଢେ ୩ କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସ୍ନାନ

ଦର୍ଶାଇ ଏହି ସୂଚନା ଦେଇଛନ୍ତି। ତେବେ ଚଳିତଥର ଏଥିରେ କୋଟି କୋଟି ଲୋକ ଉତ୍ସାହର ସହ ଅଂଶଗ୍ରହଣ କରୁଥିବାବେଳେ ମହାକୁମ୍ଭରେ ପ୍ରବଳ ଥଣ୍ଡା ହେବାର ଦେଖାଯାଇଛି । ଆଜି ଥିଲା ପ୍ରଥମ ଶାହିସ୍ନାନ, ଯାହାକୁ ଅମୃତ ସ୍ନାନ ଏହି ସ୍ନାନ ପରେ ୩ ଜଣଙ୍କର ମତ୍ୟୁ ହୋଇଥିବାବେଳେ ଆହୁରି ୩ ହଜାର ଲୋକ ଅସୁସ୍ଥ ହୋଇପଡିଥିଲେ ।

ଯେତେବେଳେ ଶରଦ ପାରଙ୍କ ଦଳର ନେତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଥିଲା, ସେତେବେଳେ ତାଙ୍କ ସାଙ୍ଗମାନେ ସକାଳ ୮.୩୦ରେ ତାଙ୍କୁ ଉପ-ସେଣ୍ଟ୍ରାଲ ହସ୍ପିଟାଲ, ଝୁନ୍ସି ନେଇଥିଲେ, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ସହିତ କୋଟା ରାଜସ୍ଥାନର ଅନ୍ୟ ଜଣେ ସୁଦର୍ଶନ ସିଂଙ୍କର ମଧ୍ୟ ମୃତ୍ୟୁ ଘଟିଛି ସୁଦର୍ଶନ ସିଂ ମଧ୍ୟ ତାଙ୍କ ସାଙ୍ଗମାନଙ୍କ ସହିତ ମହାକୁମ୍ଭରେ ବୁଡ଼ ପକାଇବାକୁ ଆସିଥିଲେ ବୁଡ଼ ପକାଇବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ତାଙ୍କ ସାଙ୍ଗମାନେ ତାଙ୍କୁ ଝୁନ୍ସି ଉପ-ସେଣ୍ଟ୍ରାଲ ହସ୍ପିଟାଲକୁ ନେଇଥିଲେ ହୃଦ୍‌ଘାତ ହେତୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୋଷ୍ଟ ମର୍ଟମ ରିପୋର୍ଟ ଆସିବା ପରେ ହିଁ ମତ୍ୟୁର ପ୍ରକୃତ କାରଣ ଜଣାପଡିବ ।ଏହା ବ୍ୟତୀତ ୮୫ ବର୍ଷୀୟ ଅର୍ଜୁନ ଗିରିଙ୍କୁ ହୃଦଘାତରେ ପୀଡିତ ହେବା ପରେ ଡାକ୍ତରଖାନା ନିଆଯାଉଥିଲା, ସେ ରାସ୍ତାରେ ମୃତ୍ୟୁବରଣ କରିଥିଲେ।

ସୂଚନା ଦେଇ ସେଣ୍ଟ୍ରାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ମନୋଜ କୌଶିକ କହିଛନ୍ତି, ଜାନୁୟାରୀ ୧୩, ୨୦୨୫ରେ ୩ହଜାରରୁ ଅଧିକ ଲୋକ ଚିକିତ୍ସା ପାଇଁ ଓପିଡିରେ ପହଞ୍ଚିଥିଲେ ।ଏଥିମଧ୍ୟରୁ ୨୬୨ ରୋଗୀଙ୍କୁ ୩୭ ରୋଗୀଙ୍କ ଗୁରୁତର ଅବସ୍ଥାକୁ ଦୃଷ୍ଟିରେ ରଖି ଅନ୍ୟ ଡାକ୍ତରଖାନାକୁ ପଠାଯାଇଥିଲା ଏହି ଲୋକଙ୍କୁ ମେଳ ଅଞ୍ଚଳର ଝୁନ୍ସି ଏବଂ ଆରେଲ ଡାକ୍ତରଖାନାରୁ ଏସ୍ଆରଏନ ରେଫର୍ କରାଯାଇଛି।

ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି, ୬୫୦ ରୋଗୀଙ୍କୁ ପରୀକ୍ଷା କରାଯାଇଛି ।ରାତି ୮ଟା ପର୍ଯ୍ୟନ୍ତ ୨୦ ଜଣ ରୋଗୀଙ୍କୁ କେନ୍ଦ୍ରୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏଥିରେ କିଛି ଭକ୍ତ ଏବଂ ଅଗ୍ନିଶମ ବିଭାଗର କିଛି କର୍ମଚାରୀ ସାମିଲ ହୋଇଥିଲେ ମେଳା ଅଞ୍ଚଳରୁ ସେଣ୍ଟ୍ରାଲ୍ ହସ୍ପିଟାଲ୍ ଏବଂ ଏସ୍ଆରଏନ ହସ୍ପିଟାଲ୍ ପର୍ଯ୍ୟନ୍ତ ଆମ୍ବୁଲାନ୍ସର ସକାଳରୁ ରାତି ପର୍ଯ୍ୟନ୍ତ ଜାରି ରହିଥିଲା।

ଏହି କାର୍ଯ୍ୟକ୍ରମରେ କେବଳ ଭାରତୀୟ ଶ୍ରଦ୍ଧାଳୁ ନୁହଁନ୍ତି ବରଂ ଆମେରିକା, ଫ୍ରାନ୍ସ, ଇସ୍ରାଏଲ, ଇରାନ ଏବଂ ପର୍ତ୍ତୁଗାଲ ଭଳି ଦେଶର ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀମାନେ ମଧ୍ୟ ଆକର୍ଷିତ ହୋଇଥିଲେ, ଯେଉଁମାନେ ଭାରତୀୟ ସଂସ୍କୃତି ଏବଂ ଆଧ୍ୟାତ୍ମିକତା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ଉପସ୍ଥିତ ଲୋକଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ପୁଲିସ, ଅର୍ଦ୍ଧସାମରିକ ବାହିନୀ ଓ ସ୍ଥାନୀୟ ସୁରକ୍ଷା କର୍ମୀଙ୍କୁ ମିଶାଇ ୫୦,୦୦୦ରୁ ଅଧିକ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି ।

# ମାଟ୍ରିକ ପ୍ରଶ୍ନପତ୍ରରେ ବାର୍ କୋଡ ବ୍ୟବସ୍ଥା

**କଟକ,୧୪।୧(ନି.ପ୍ର):** ବିଗତ କିଛି ବର୍ଷ ହେଲା ମାଟ୍ରିକ୍ ପରୀକ୍ଷାରେ ବିଭ୍ରାଟ ହେଉଥିବା ନେଇ ଖବର ଆସୁଛି। ଏହା ଦ୍ୱାରା ଭଲ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନିରାଶ ହେବାକୁ ପଡୁଛି। ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା-୨୦୨୫ର ପ୍ରଶ୍ନପତ୍ର ଭାଇରାଲ୍ ରୋକିବାକୁ ମାଧ୍ୟମିକ ଶିକ୍ଷା ବୋର୍ଡ ବଡ଼ ପଦକ୍ଷେପ ନେଇଛି।



ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଚଳିତ ଥର ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ନମ୍ବରିଂ ବ୍ୟବସ୍ଥା କରାଯିବ। ପ୍ରଶ୍ନପତ୍ରକୁ ନମ୍ବରିଂ କରାଯିବା ସହ ଏଥିରେ ୱାଟର ମାର୍କ ଲାଗିବ। ବାର୍ କୋଡ ସହ ସିକ୍ୟୁରିଟି କୋଡ ମଧ୍ୟ ରହିବ। ଫଳରେ ପ୍ରଶ୍ନପତ୍ର ଭାଇରାଲ୍ ହେଲେ, କେଉଁଠୁ ହୋଇଛି ତାହା ଜଣାପଡ଼ିବ। ଏନେଇ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସ୍ଇ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା-୨୦୨୫ ଆସନ୍ତା ଫେବ୍ରୁଆରି ୨୧ ତାରିଖ ଠାରୁ ଆରମ୍ଭ ହେବ। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ କ୍ୟାରିୟରର ଏହି ସ୍ମରଣୀୟ ପରୀକ୍ଷା ମାର୍ଚ୍ଚ ୬ ତାରିଖ ଯାଏଁ ଜାରି ରହିବ। ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ହେବ। ୨୪ ତାରିଖରେ ଇଂରାଜୀ, ୨୭ ତାରିଖରେ ଗଣିତ, ମାର୍ଚ୍ଚ ୧ରେ ବିଜ୍ଞାନ, ମାର୍ଚ୍ଚ ୩ରେ ସାମାଜିକ ବିଜ୍ଞାନ, ମାର୍ଚ୍ଚ ୬ରେ ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ ପରୀକ୍ଷା ହେବ ପରୀକ୍ଷାର ସମୟ ସକାଳ ୯ରୁ ପୂର୍ବାହ୍ଣ ୧୧ଟା ୩୦ ଯାଏଁ ରହିଛି ପରୀକ୍ଷାର୍ଥୀଙ୍କୁ ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ ସମୟ ମିଳିବ।

## ଧାନ କିଣା ତଦାରଖ ପାଇଁ ପ୍ରତି ମଣ୍ଡିରେ ନିଯୁକ୍ତ ନୋଡାଲ ଅଫିସର

ଭୁବନେଶ୍ୱର,୧୪।୧(ନି.ପ୍ର.)): ଚଳିତ ଖରିଫ ଋତୁରେ ରାଜ୍ୟରେ ସରକାରୀ ସ୍ତରରେ ଧାନ କିଣା ପ୍ରକ୍ରିୟା ଯାରି ରହିଛି । ଧାନ କିଣା ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ମଣ୍ଡି ଉପରେ କଡା ନଜର ରଖିବାକୁ ରାଜ୍ୟ ସରକାର କଡା ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଉଦ୍ଦେଶ୍ୟରେ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କୌଣସି ଯୋଗ୍ୟ ଚାଷୀ ଧାନ କିଣା ବେଳେ ସମସ୍ୟାର ସମ୍ମୁଖୀନ ନହୁଅନ୍ତି, ଏଥିପ୍ରତି ଯଥେଷ୍ଟ ଧାନ ଦିଆଯାଉଛି । ମଣ୍ଡିରେ ଚାଷୀ ମାନଙ୍କ ନିମନ୍ତେ ସୁବିଧା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି ।

ବର୍ତ୍ତମାନ ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାର ୩୯୦୩ ମଣ୍ଡି ପାଇଁ ୩୮୯୩ ଜଣ ନୋଡାଲ ଅଧିକାରୀ ନିଯୁକ୍ତ ହୋଇ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ନଜର ରଖିଛନ୍ତି । ଚାଷୀ ମାନଙ୍କ ସହାୟତା ପାଇଁ ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ମାନେ ନିଯୁକ୍ତ ହେବା ସହ ଦୁଇରୁ ତିନୋଟି ମଣ୍ଡି ଦାୟିତ୍ୱରେ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତ ଦିଆଯାଇଛି। ବର୍ତ୍ତମାନ ରାଜ୍ୟରେ ୧୦୩୧ ଜଣ ସୁପରଭାଇଜରଙ୍କୁ ଆବଶ୍ୟକତା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତ କରାଯାଇଛି । ଏହି ଅଧିକାରୀ ମାନେ ମଣ୍ଡିକୁ ଆସୁଥିବା ପ୍ରତ୍ୟେକ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ମିଶନ ମୌସମ ଅଭିଯାନର ଶୁଭାରମ୍ଭ କଲେ ମୋଦୀ

**ନୂଆଦିଲ୍ଲୀ,୧୪।୧(ପିଆଇବି):** ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ୧୫୦ତମ ପ୍ରତିଷ୍ଠା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଂଶଗ୍ରହଣ କରିଛନ୍ତି । ଉତ୍ସବରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ସମ୍ପୃକ୍ତ ବିଭାଗର ଦେଢ ଶହତମ ଯାତ୍ରା କେବଳ ବିଭାଗର ସଫଳ ଯାତ୍ରାକୁ ବଖାଣୁନାହିଁ ବରଂ ଏହା ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଫଳ ଗାଥା ପ୍ରକାଶ କରୁଛି । ଏତେ ଦିନ ଭିତରେ ଆଇଏମଡି ଲକ୍ଷ ଲକ୍ଷ ଭାରତୀୟଙ୍କ ସେବା କରିଆସିଛି ଓ ଏହା ବିଜ୍ଞାନର ଅଗ୍ରଗତିର ଏକ ପ୍ରତୀକ। ଆଇଏମଡିର ସଫଳତା ପାଇଁ ଏହି ଅବସରରେ ଏକ କଏନ ଓ ପୋଷ୍ଟାଲ ଷ୍ଟାମ୍ପ ଉନ୍ମୋଚିତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ୨୦୪୭ରେ ଭାରତର ଶହେତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଇଏମଡିର ଭବିଷ୍ୟତ ରୂପରେଖ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ । ଏହି ଅବସରରେ ସାରା ଦେଶର ନାଗରିକଙ୍କୁ ପ୍ରଧାନମନ୍ତ୍ରୀ ଅଭିବାଦନ ଜଣାଇଥିଲେ।



ନିଜର ଦେଢ ଶହ ବର୍ଷର ଯାତ୍ରା ଲାଗି ଆଇଏମଡି ପକ୍ଷରୁ ଯୁବକମାନଙ୍କ ଲାଗି ଜାତୀୟ ପାଣିପାଗ ଅଲିମ୍ପିଆଡର ଆୟୋଜନ କରାଯାଇଛି । ହଜାର ହଜାର ଛାତ୍ର ଏଥିରେ ଭାଗ ନେଇ ପାଣିପାଗ ବିଜ୍ଞାନ କ୍ଷେତ୍ରରେ ଅଧିକ ମନୋନିବେଶ କରିପାରିବେ ବୋଲି ମୋଦୀ କହିଛନ୍ତି । ଉତ୍ସବ ସ୍ଥଳୀରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ କଥା ହୋଇଥିଲେ । କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୁବକମାନଙ୍କୁ ସେ ସାଧୁବାଦ ଜଣାଇଥିଲେ।

ମକର ସଂକ୍ରାନ୍ତି ପାଖାପାଖି ୧୫ ଜାନୁଆରୀ ୧୮୫୭ ମସିହାରେ ଭାରତୀୟ ପାଣିପାଗ ବିଭାଗ ସ୍ଥାପିତ ହୋଇଥିଲା। ତେବେ ଆମେ ସମସ୍ତେ ମକର ସଂକ୍ରାନ୍ତିର ଗୁରୁତ୍ୱ ସମ୍ପର୍କରେ ଉଣା ଅଧିକେ ଅବଗତ ଅଛୁ ବୋଲି ମୋଦୀ କହିଥିଲେ । ଗୁଜରାଟରୁ ଆସିଥିବା କାରଣରୁ ଏହି ମକର ସଂକ୍ରାନ୍ତି ତାଙ୍କର ପ୍ରିୟ ପର୍ବ ବୋଲି ମୋଦୀ କହିଥିଲେ । ଏହି ସଂକ୍ରାନ୍ତିରେ କାପ୍ରିକନ ସୂର୍ଯ୍ୟ ମକର ରାଶିକୁ ପ୍ରବେଶ କରି ତାଙ୍କର ଉତରାୟନ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ଉତର ଗୋଲାର୍ଦ୍ଧରେ ସୂର୍ଯ୍ୟଙ୍କ ତେଜ ବୃଦ୍ଧି କାରଣରୁ କୃଷି କାର୍ଯ୍ୟ ପାଇଁ ସଜବାଜ ଆରମ୍ଭ ହୁଏ । ସାରା ଦେଶରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମକର ସଂକ୍ରାନ୍ତି ପାଳନ କରାଯାଇଥାଏ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶର ନାଗରିକମାନଙ୍କୁ ନିଜର ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ଦେଶର ବିଜ୍ଞାନ ଭିତିକ ପ୍ରତିଷ୍ଠାନଗୁଡିକର ଅଗ୍ରଗତି ଏହାର ବିଜ୍ଞାନ ପ୍ରତି ରହିଥିବା ସଚେତନତାକୁ ସୂଚାଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନବ ଭାରତ ପାଇଁ ବିଜ୍ଞାନ ପ୍ରତିଷ୍ଠାନଗୁଡିକରେ ହେଉଥିବା ଗବେଷଣା ଓ ଆବିଷ୍କାର ଖୁବ ଯୁଗପୋଯୋଗୀ ବୋଲି ମୋଦୀ କହିଛନ୍ତି । ଗତ କିଛି ଦଶନ୍ଧି ଭିତରେ ଆଇଏମଡିର ଭିତିଭୂମି ଓ ପ୍ରଯୁକ୍ତି ବିଦ୍ୟାରେ ଆଖିଦୃଶିଆ ଅଗ୍ରଗତି ହୋଇଛି । ପରିମାର୍ଜିତ ଡପ୍ଲରର ପାଣିପାଗ ରାଡାର, ସ୍ୱୟଂ ଚାଳିତ ପାଣିପାଗ ଷ୍ଟେସନ, ରନୱେ ପାଣିପାଗ ନୀରିକ୍ଷଣ ଷ୍ଟେସନ, ଜିଲ୍ଲା ଭିତିକ ବୃଷ୍ଟିପାତ ନୀରିକ୍ଷଣ ଷ୍ଟେସନର ଅଭିବୃଦ୍ଧି ସମ୍ପୃକ୍ତ ବିଭାଗକୁ ସମୃଦ୍ଧ କରିଛି ବୋଲି ମୋଦୀ କହିଛନ୍ତି ।

# ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ କେନ୍ଦୁଝର ଷ୍ଟିଲ ପ୍ଲାଂଟ ପାଇଁ ଚୁକ୍ତି ସ୍ୱାକ୍ଷରିତ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/କେନ୍ଦୁଝର,୧୪।୧(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ନରେ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଠାରେ ଏକ ନବ ନିର୍ମିତ ସେତୁର ଉଦଘାଟନ କରିଛନ୍ତି।



ଏହି ଅବସରରେ ଗଣ ମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝରରେ ଏକ ମେଗା ଷ୍ଟିଲ ପ୍ଲାଂଟ ପାଇଁ ଭୁବନେଶ୍ୱର ରେ ଆଗାମୀ ୨୮-୨୯ ତାରିଖରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଏକ ଗକ୍ଟଟ ସ୍ୱାକ୍ଷରିତ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝରର ବିକାଶକୁ ପ୍ରାଥମିକତା ଦିଆ ଯାଉଛି । ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସବୁ କ୍ଷେତ୍ରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି ।ଉଦଘାଟିତ ଏହି ସେତୁ ଟି ଝୁମ୍ପରା-ଉଖୁଣ୍ଡା ରାସ୍ତାରେ କେନାଲ ଉପରେ ନିର୍ମିତ ହୋଇଛି । ଏହା ଦ୍ୱାରା ଝୁମ୍ପୁରା ଓ ଶ୍ରୀ ରାମପୁର ଗ୍ରାମ ଯୋଡ଼ି ହୋଇ ଯୋଗାଯୋଗର ସୁବିଧା ହୋଇ ପାରିଛି। ଏହା ଦ୍ୱାରା ନିକଟବର୍ତ୍ତୀ ଅଂଚଳର ଲୋକଙ୍କ ସହିତ ଦୈନିକ ୫ ହଜାର ରୁ ୧୦ ହଜାର ଲୋକ ଉପକୃତ ହେବେ। ଏହି ସେତୁର ଦୈର୍ଘ୍ୟ ୬୭ ମିଟର ଓ ଆପ୍ରୋଚ୍ ରୋଡ ୧୭୫ ମିଟର।



# ବୈତରଣୀରେ ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୧(ନି,ପ୍ର,.): ପାଟଣା ଦେଇ ପ୍ରବାହିତ ହେଉଥିବା ପୁଣ୍ୟତୋୟା ବୈତରଣୀର ଅନୁସୂୟା ତୀର୍ଥ ଘାଟରେ ମକର ବୁଡ଼ ପକାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ତିନିଦିନିଆ କେନ୍ଦୁଝର ଗସ୍ତରେ ଆଜି ସକାଳେ ରାଇସୁଆଁ ସ୍ଥିତ ଏୟାରଷ୍ଟ୍ରିପରେ ପହଁଚିବା ପରେ ଜିଲ୍ଲା ପ୍ରଶାସନ ଏବଂ ସାଧାରଣ ଜନତାଙ୍କ ପକ୍ଷରୁ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ପାଟଣା ଗସ୍ତ କରିଥିଲେ। ବୁଡ଼ ପକାଇବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଭୁ ଆନନ୍ଦେଶ୍ୱର ମହାଦେବଙ୍କଠାରେ ଜଳଲାଗି କରିଥିଲେ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ମକର ଶୁଭେଚ୍ଛା ଜଣାଇଥିଲେ ।

ନିଜ ବିବୃତିରେ ଶ୍ରୀ ମାଝୀ ଆଜି ମକର ସଂକ୍ରାନ୍ତି ଭଳି ଏକ ପବିତ୍ର ଦିନରେ ପୁଣ୍ୟତୋୟା ବୈତରଣୀରେ ବୁଡ଼ ପକାଇ ମହାଦେବଙ୍କ ନିକଟରେ କେନ୍ଦୁଝର ଜିଲ୍ଲା ତଥା ସମଗ୍ର ରାଜ୍ୟ ବାସୀଙ୍କ ସୁଖ,ସମୃଦ୍ଧି ଓ ରାଜ୍ୟର ସାମଗ୍ରିକ ଉନ୍ନତି ପାଇଁ ପ୍ରାର୍ଥନା କରିଥିବା ପ୍ରକାଶ କରିଛନ୍ତି।

# ଇସ୍ରାଏଲର ଘନ ଘନ ଆକ୍ରମଣ, ୧୮ ମୃତ

ଜେରୁଜେଲମ,୧୪।୧: ଇସ୍ରାଏଲ-ହମାସ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିକୁ ନେଇ ଆଲୋଚନା ମଧ୍ୟରେ ପୁଣି ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିଛି ଇସ୍ରାଏଲ। ଏଥିରେ ମହିଳା ଓ ଶିଶୁଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଛି ଅପରପକ୍ଷେ ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ମଙ୍ଗଳବାର କେନ୍ଦ୍ରୀୟ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଛନ୍ତି।



ଆକ୍ରମଣ କାରଣରୁ ସାଇରନ୍ ବାଜିଥିଲା ଏବଂ ଲୋକେ ଆତଙ୍କିତ ହୋଇ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ ତେବେ ଏଥିରେ ପ୍ରାଣହାନୀ ନେଇ କୌଣସି ଖବର ନାହିଁ।

ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି ଯେ, ଗାଜାର କେନ୍ଦ୍ରୀୟ ସହର ଡେର୍ ଅଲ୍-ବଲାହରେ ହୋଇଥିବା ଦୁଇଟି ଆକ୍ରମଣରେ ୨ ଜଣ ମହିଳା ଏବଂ ତାଙ୍କ ୪ ପିଲାଙ୍କର ମୃତ୍ୟୁ ଘଟିଛି। ଏହା ବ୍ୟତୀତ ୟୁରୋପୀୟ ହସ୍ପିଟାଲ କହିଛି ଯେ, ଦକ୍ଷିଣ ସହର ଖାନ୍ ୟୁନିସରେ ହୋଇଥିବା ଦୁଇଟି ଆକ୍ରମଣରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ଅଧିକାରୀଙ୍କ କହିବାନୁସାରେ, ଇସ୍ରାଏଲ୍ ଏବଂ ହାମାସ ମଧ୍ୟରେ ଗତ ଏକ ବର୍ଷ ଧରି ଚାଲିଆସୁଥିବା ଆଲୋଚନା ଏବେ ଅନ୍ତିମ ପର୍ଯ୍ୟାୟରେ ଏବଂ ଖୁବଶୀଘ୍ର ଆକ୍ରମଣ ବନ୍ଦ ହୋଇଯିବ।

# ‘ଓଡ଼ିଆ ପିଲାମାନେ ଚାହିଁଲେ ସବୁ ସମ୍ଭବ’

ନୂଆଦିଲ୍ଲୀ/ଭୁବନେଶ୍ୱର,୧୪।୧(ନି.ପ୍ର.): ଓଡ଼ିଆ ପିଲାମାନେ ଚାହିଁଲେ ସବୁ ସମ୍ଭବ । ଓଡିଆ ଲୋକଙ୍କୁ ଯେବେ ଯେବେ ସୁଯୋଗ ମିଳିଛି ସେବେ ସେ ନିଜର ଦକ୍ଷତା ଓ ପରାକାଷ୍ଠାର ପ୍ରମାଣ ଦେଖାଇଛନ୍ତି ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ-୨୦୨୫ରେ ଅଂଶଗ୍ରହଣ କରିଥିବା ଓଡ଼ିଆ ଯୁବକଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଶ୍ରୀ ପ୍ରଧାନ ‘ମକର ସଂକ୍ରାନ୍ତି’ର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ “ବିକଶିତ ଭାରତ ଯୁବ ନେତୃତ୍ୱ ସାକ୍ଷାତକାର୍ -୨୦୨୫”ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଓଡ଼ିଶାର ଯେଉଁମାନେ ଅଂଶଗ୍ରହଣ କରିଥିଲେ, ସେହି ସଫଳ ଯୁବବନ୍ଧୁମାନଙ୍କ ସହ ଆଜିର ଆଲୋଚନା ଉତ୍ସାହଜନକ । ଓଡ଼ିଶାକୁ ବିକଶିତ କରିବା ପାଇଁ ସମସ୍ତ ଯୁବଶକ୍ତିଙ୍କ ମଧ୍ୟରେ ଥିବା ଇଚ୍ଛାଶକ୍ତି ଓ ଏକାଗ୍ରତା ପ୍ରଶଂସନୀୟ । ଓଡ଼ିଆ ଯୁବପିଢ଼ିମାନେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର କୁଶଳ ବିନ୍ଧାଣୀ । ସବୁ ଯୁବବର୍ଗଙ୍କ ମଧ୍ୟରେ କୌଣସି ନା କୌଣସି ପ୍ରତିଭା ଲୁଚି ରହିଛି । ଏହି ପ୍ରତିଭାକୁ ଅନ୍ୱେଷଣ କରିପାରିଲେ ହିଁ ଆମର ଅନେକ ଲକ୍ଷ୍ୟ ସାକାର ହୋଇପାରିବ ।

ସେ କହିଛନ୍ତି, ଆତ୍ମବିଶ୍ୱାସ ହିଁ ମଣିଷକୁ ବଡ କରିବ । ଅତୀତ ପିଢିରୁ ବର୍ତ୍ତମାନର ପିଢି ବହୁତ ବଡ ବଡ ଚିନ୍ତା କରୁଛି । ଆମ କାନ୍ଧରେ ବର୍ତ୍ତମାନ ବିକଶିତ ଓଡ଼ିଶା, ବିକଶିତ ଭାରତର ଦାୟିତ୍ୱ ଅଛି । ଏଥିପାଇଁ ଆମକୁ କଣ୍ଟେଂଟ୍ ରାଇଟରରୁ ୱେଲଥ୍ କ୍ରିଏସନ କରିବା ପାଇଁ ମଧ୍ୟ ଆଗଭର ହେବାକୁ ପଡିବ । ନିର୍ଭରତାରୁ ଆତ୍ମନିର୍ଭରତା, ସ୍ୱାଭିମାନ ଓ ଆତ୍ମବିଶ୍ୱାସ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ପଡିବ । ନିଯୁକ୍ତି ଖୋଜିବା ପରିବର୍ତ୍ତେ ନିଯୁକ୍ତିଦାତା ହେବା ପାଇଁ କାମ କରିବାକୁ ହେବ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପୂରଣ କରିବ । ଏହି ସମୟରେ ଆମର ଦାୟିତ୍ୱ କ’ଣ ରହିବା ଦରକାର, ଏହା ଉପରେ ବୁଝିବାକୁ ହେବ । ପଂଚାୟତରୁ ଜିଲ୍ଲା ସ୍ତରରେ ଯୁବ ସମ୍ମିଳନୀ ମାଧ୍ୟରେ ନିଜର ଆଇଡିଆକୁ ଆଦାନପ୍ରଦାନ କରିବାକୁ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାଜରେ ଏକ ସୁବ୍ୟବସ୍ଥିତ ଜୀବନଶୈଳୀ ତିଆରି କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ କିପରି ଆମେ ଆଗାମୀ ୨୨ ବର୍ଷ ଭିତରେ ଗ୍ଲୋବାଲ ହାପେନିଂ ପଏଂଟ୍ ବନାଇବା ପାଇଁ କାମ କରିବା, ତାହା ଆମର ଲକ୍ଷ୍ୟ ହେଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଉତ୍କର୍ଷତାର ଶିଖରରେ ପହଂଚାଇବା ପାଇଁ ଆମ ସମସ୍ତଙ୍କ ଉଦ୍ୟମ ରହୁ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଥିଲେ ।

# ଜମ୍ମୁ ଓ କଶ୍ମୀରରେ ବିସ୍ଫୋରଣ, ୬ ସେନା ଯବାନ ଆହତ

**କଶ୍ମୀର,୧୩।୧(ନି.ପ୍ର):** ଜମ୍ମୁ-କଶ୍ମୀରର ନୌଶେରା ଜିଲ୍ଲାରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଛି ।ମିଳିଥିବା ସୂଚନା ଅନୁଯାୟୀ, ଭବାନୀ ସେକ୍ଟରର ମାକ୍ରି ଅଞ୍ଚଳରେ ବିସ୍ଫୋରଣ ଘଟି ୬ ଜଣ ସେନା ଯବାନ ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ରାଜୌରୀସ୍ଥିତ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ସେନାର ସୂଚନା ଅନୁସାରେ ରାଜୌରୀ ଜିଲ୍ଲା ଅନ୍ତର୍ଗତ ନୌସେରା ଫରୱାର୍ଡ ଅଞ୍ଚଳରେ



ହୋଇଥିବା ଏକ ଲାଣ୍ଡମାଇନ ବିସ୍ଫୋରଣ ହେବା ଯୋଗୁଁ ୬ ଜଣ ଯବାନ ଆହତ ହୋଇଛନ୍ତି। ୧୦ଟା ୪୫ ମିନିଟ ସମୟରେ ଜଣେ ସୈନିକ ଅସାବଧାନତାବଶତଃ ଲାଣ୍ଡଲାଇନ ଉପରେ ପାଦ ରଖିଦେବାରୁ ବିସ୍ଫୋରଣ ହୋଇଥିଲା । ଏହା ଫଳରେ ଉକ୍ତ ସୈନିକଙ୍କ ସମେତ ଆଉ ୫ ଜଣ ଆହତ ହୋଇଥିଲେ । ସେମାନଙ୍କୁ ରାଜୌରୀସ୍ଥିତ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କ ଅବସ୍ଥା ସ୍ଥିର ରହିଛି। ଏହା ପୂର୍ବରୁ ୨୦୨୪ ଡିସେମ୍ବର ୯ତାରିଖରେ ଜମ୍ମୁର ପୁଞ୍ଚରେ ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ଜଣେ ଯବାନ ସହିଦ ହୋଇଥିଲେ । ପୁଞ୍ଚର ଥାନେଦର ଟେକ୍ରିରେ ପାଟ୍ରୋଲିଂ କରୁଥିବା ବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ୨୫ ରାଷ୍ଟ୍ରୀୟ ରାଇଫଲ୍ସର ହାବିଲଦାର ଭି ସୁବ୍ବିୟା ଭାରିକୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା ।

# 'ପ୍ୟାରିସ୍ ଭଳି ଦିଲ୍ଲୀ' କହି କେଜ୍ରିୱାଲଙ୍କୁ ରାହୁଲଙ୍କ କଟାକ୍ଷ

**ନୂଆଦିଲ୍ଲୀ,୧୩।୧(ନି.ପ୍ର.):** ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତି ତାଙ୍କ ସମାଲୋଚନାକୁ ଆହୁରି ଶାଣିତ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ଫଳରେ ଇଣ୍ଡି ବ୍ଲକରେ ଦେଖା ଦେଇଥିବା ଫାଟ ଆହୁରି ଓସାରିଆ ହୋଇଛି ।ରାହୁଲ ମଙ୍ଗଳବାର ଏକ୍ସରେ ଏକ ଭିଡିଓ ପୋଷ୍ଟ କରିଛନ୍ତି । ଏହାର କ୍ୟାପସନରେ ସେ ଲେଖିଛନ୍ତି- ଏହା ହେଉଛି କେଜ୍ରିୱାଲଙ୍କ ଚମକୁଥିବା ଦିଲ୍ଲୀ - ପ୍ୟାରିସ ଭଳି ଦିଲ୍ଲୀ ! ଏହି ଭିଡିଓରେ ରାହୁଲ ଦିଲ୍ଲୀର ଏକ ନାଳ କଡ଼ରେ ବୁଲୁଥିବାର ଦେଖିବାକୁ ମିଳିଛି । ଉକ୍ତ ନାଳଟି ଅଳିଆରେ ଭର୍ତ୍ତି ହୋଇଛି । ଏହା ଦେଖି ସେ କହିଛନ୍ତି- ଦେଖ, ଦିଲ୍ଲୀକୁ ଦେଖ । ଦିଲ୍ଲୀ ଚମକୁଛି ।ପ୍ୟାରିସ ଭଳି ଦିଲ୍ଲୀ ।ସବୁ ଜାଗାରେ ଏହି ଅବସ୍ଥା ।୨୦୧୯ରେ କେଜ୍ରିୱାଲ ପ୍ରତିଶ୍ରୁତି ଦେଇଥିଲେ ଯେ



ପ୍ୟାରିସ ଓ ଲଣ୍ଡନ ଭଳି ଦିଲ୍ଲୀକୁ ସଫା କରି ଦେବେ । ଏହା ସହିତ ଦିଲ୍ଲୀରେ ରାସ୍ତା ଓ ହସ୍ପିଟାଲ ସମେତ ଅନ୍ୟାନ୍ୟ ଭିତ୍ତିଭୂମିକୁ ଉତ୍ତମ କରାଯିବ ବୋଲି କହିଥିଲେ ।ଏମିତିକି ଯମୁନା ନଦୀକୁ ସଫା କରି ଦେବେ ବୋଲି କହିଥିଲେ । ସେଥିପାଇଁ ରାହୁଲ ଗାନ୍ଧୀ ଆଜି ତାଙ୍କୁ କଟାକ୍ଷ କରି ପ୍ୟାରିସ ଭଳି ଦିଲ୍ଲୀ କହିଛନ୍ତି । ଗତକାଲି ମଧ୍ୟ କେଜ୍ରିୱାଲଙ୍କୁ ସମାଲୋଚନା କରି ରାହୁଲ ଗାନ୍ଧୀ କହିଥିଲେ ଯେ ସେ ଦରଦାମ ଓ ପ୍ରଦୂଷଣ ରୋକିବାକୁ କିଛି କରି ନାହାନ୍ତି । ଏହା ସହିତ ସେ କେଜ୍ରିୱାଲଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତୁଳନା କରିଥିଲେ । ଉଭୟ କେବଳ ମିଛ ପ୍ରତିଶ୍ରୁତି ଦେଇ ଜାଣନ୍ତି ବୋଲି ରାହୁଲ କହିଥିଲେ । ରାହୁଲଙ୍କ ଏହି ମନ୍ତବ୍ୟ ଆସିବା ପରେ ଏପର୍ଯ୍ୟନ୍ତ ତାଙ୍କୁ ବ୍ୟକ୍ତିଗତ ଭାବେ ସମାଲୋଚନା କରି ନଥିବା ଅରବିନ୍ଦ କେଜ୍ରିୱାଲ କହିଥିଲେ ରାହୁଲ ତାଙ୍କ ସହିତ ଦୁର୍ବ୍ୟବହାର କରିଛନ୍ତି । ସେ ଦେଶକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ବେଳେ ରାହୁଲ କଂଗ୍ରେସକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି ବୋଲି କେଜ୍ରିୱାଲ କହିଥିଲେ । ଇଣ୍ଡି ବ୍ଲକ୍ ମଧ୍ୟରେ ସବୁ କିଛି ଠିକଠାକ୍ ଚାଲି ନଥିବା ବେଳେ ଉଭୟ ଆପ୍ ଓ କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ କାନ୍ଦୁଆ ଫିଙ୍ଗାଫିଙ୍ଗି ବିଯାଇଛି । ଏମିତିକି ଅନ୍ୟ ଦଳ ସହିତ ଆଲୋଚନା କଲା ପରେ କଂଗ୍ରେସକୁ ଇଣ୍ଡି ବ୍ଲକରୁ ବାହାର କରିଦେବାକୁ ଧମକ ଦେଇଛି ଆପ୍ । ଗତ ଲୋକସଭା ନିର୍ବାଚନରେ ଦିଲ୍ଲୀରେ ଆପ୍ ଓ କଂଗ୍ରେସ ଏକାଠି ଲଢିଥିଲେ । କିନ୍ତୁ କେହି ଗୋଟିଏ ବି ଆସନ ପାଇ ନଥିଲେ । କିନ୍ତୁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଉଭୟ ଅଲଗା ଅଲଗା ଲଢୁଛନ୍ତି । ୨୦୧୫ରୁ ଦିଲ୍ଲୀରେ ଆପ୍ କ୍ଷମତାରେ ଅଛି । ଲଗାତାର ତୃତୀୟ ଥର ପାଇଁ ଦଳ ଏଠାରେ ଜିତିବାକୁ ପ୍ରୟାସ କରୁଛି । ଅନ୍ୟପକ୍ଷରେ ୨୭ ବର୍ଷ ପରେ ଦିଲ୍ଲୀରେ ପୁଣି କ୍ଷମତାରେ ବସିବାକୁ ପ୍ରୟାସ ଚଳାଇଛି ବିଜେପି । ସେହିପରି ଆପ୍ ପୂର୍ବରୁ ୧୫ ବର୍ଷ ଧରି ଦିଲ୍ଲୀରେ ଶାସନ କରୁଥିବା କଂଗ୍ରେସ ପୁଣି କ୍ଷମତାକୁ ଆସିବ ବୋଲି ଆଶା ରଖିଛି ।

# ରୁଷ-ୟୁକ୍ରେନ ଯୁଦ୍ଧରେ ଭାରତୀୟ ନାଗରିକ ନିହତ

**କ୍ୱିଭ୍/ମସ୍କୋ,୧୩।୧(ନି.ପ୍ର.):** ରୁଷ-ୟୁକ୍ରେନ ଯୁଦ୍ଧରେ ଜଣେ ଭାରତୀୟ ନାଗରିକ ନିହତ ନିହତ ହୋଇଛନ୍ତି । ଏହା ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରିଛି ।ସେହି ବ୍ୟକ୍ତି କେରଳର ବାସିନ୍ଦା ଥିଲେ ଏବଂ ରୁଷ ସେନା ପକ୍ଷରୁ ଆଗରେ ଯୁଦ୍ଧ କରୁଥିଲେ । ତାଙ୍କ ସହ ତାଙ୍କର କିଛି ସମ୍ପର୍କୀୟ ଥିଲେ ଯେଉଁମାନେ ଆହତ ହୋଇଥିଲେ । ରୁଷ ସେନାରେ କାର୍ଯ୍ୟରତ ଅବଶିଷ୍ଟ ନାଗରିକମାନଙ୍କୁ ଯଥାଶୀଘ୍ର ମୁକ୍ତ କରିବାକୁ ବୈଦେଶିକ ମନ୍ତ୍ରଣାଳୟ ରୁଷକୁ କହିଛି ।ବୈଦେଶିକ ମନ୍ତ୍ରଣାଳୟ କହିଛି, କେରଳର ଜଣେ ଭାରତୀୟ ନାଗରିକଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ବିଷୟରେ ଆମେ ଜାଣିବାକୁ ପାଇଲୁ, ଯିଏକି ରୁଷ ସେନାରେ ଚାକିରି ପାଇଁ ନିଯୁକ୍ତ ହୋଇଥିଲେ । କେରଳର ଅନ୍ୟ ଜଣେ ଭାରତୀୟ ନାଗରିକ ଆହତ ହୋଇଛନ୍ତି ଏବଂ ତାଙ୍କୁ ମସ୍କୋକୁ ବିମାନ ଉଡ଼ାଣ କରାଯାଇଛି । ଆମେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ମୃତକଙ୍କ ପରିବାର ପ୍ରତି ଆମର ଗଭୀର ସମବେଦନା ଜଣାଉଛୁ । ରୁଷ ସେନାରେ ଯୁଦ୍ଧ କରୁଥିବା ଭାରତୀୟ ନାଗରିକଙ୍କ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ଆମେ ରୁଷର ଅଧିକାରୀଙ୍କ ସହ ଆଲୋଚନା କରିଛୁ ଏବଂ ରୁଷର ସେନାରେ କାର୍ଯ୍ୟ କରୁଥିବା ଭାରତୀୟମାନଙ୍କୁ ଯଥାଶୀଘ୍ର ମୁକ୍ତ କରାଯାଉ ବୋଲି ଅନୁରୋଧ କରିଛୁ ।

# ରୁଷ୍ ତେଲ କିଣାରୁ ଭାରତର ପଛଘୁଞ୍ଚା

**ନୂଆଦିଲ୍ଲୀ,୧୩।୧(ନି.ପ୍ର.):** ୟୁକ୍ରେନ୍ ସହ ଯୁଦ୍ଧ ପରେ ରିହାତିରେ ତେଲ ବିକ୍ରି କରୁଥିବା ରୁଷଠାରୁ ଭାରତ ବିପୁଳ ଅଶୋଧିତ ତେଲ କିଣୁଥିଲା । କିନ୍ତୁ ନିକଟରେ ଏହା ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛି । ଆମେରିକା ଯେଉଁ ସଂସ୍ଥାଗୁଡ଼ିକ ଉପରେ କଟକଣା ଲଗାଇଛି, ସେମାନଙ୍କଠାରୁ ତେଲ ନ କିଣିବାକୁ ଭାରତ ନିଷ୍ପତ୍ତି ନେଇଛି । ରୁଷର ସଂସ୍ଥା ଗାଜପ୍ରମ୍ ନେଫ୍ଟ, ସୁର୍ଗୁଟନେଫ୍ଟେଗ୍ୟାଜ୍, ଇନ୍ଗୋସ୍ଟ୍ରାଖ୍ ଓ ଆଲଫାଷ୍ଟ୍ରାଖୋଭାନି ଗ୍ରୁପ୍



ଉପରେ ଆମେରିକାର ଟ୍ରେଜେରି ବିଭାଗ କଟକଣା ଲଗାଇଛି । ଏହି ସଂସ୍ଥାଗୁଡ଼ିକ ଜରିଆରେ ରୋଜଗାର କରି ସେହି ଅର୍ଥକୁ ୟୁକ୍ରେନ୍ ବିରୋଧ ଯୁଦ୍ଧରେ ରୁଷ୍ ବ୍ୟବହାର କରୁଥିବା ଆମେରିକା ସନ୍ଦେହ କରୁଛି । ରୁଷ୍ ତେଲ ପରିବହନ କରୁଥିବା ୧୮୩ଟି ଜାହାଜ ଉପରେ ମଧ୍ୟ ଆମେରିକା କଟକଣା ଲଗାଇଛି । ତେବେ କଟକଣା ଲାଗୁ ହେବା ପୂର୍ବରୁ ଭାରତ ଯେଉଁ ତେଲ ମଗାଇଛି ତାହା ପହଞ୍ଚିବାରେ ଅସୁବିଧା ହେବନାହିଁ । ଭବିଷ୍ୟତରେ ଭାରତକୁ ନିଜ ରଣନୀତି ବଦଳାଇବାକୁ ପଡ଼ିବ । ଆମେରିକାର କଟକଣା ବିଷୟ ଜଣାପଡ଼ିବା ପରେ ଅଶୋଧିତ ତେଲର ବ୍ୟାରେଲ ପିଛା ଦାମ୍ ୮୧ ଡଲାରକୁ ବୃଦ୍ଧି ପାଇଛି । ଭାରତୀୟ କମ୍ପାନୀଗୁଡ଼ିକ ରୁଷ୍ ତେଲକୁ ନେଇ ପୁଣି ଥରେ ମୁଲଚାଲ ଆରମ୍ଭ କରିଛନ୍ତି । ଏହା ବ୍ୟତୀତ ଆମେରିକା, କାନାଡା, ବ୍ରାଜିଲ, ଗୁୟାନା ଓ ଓପେକ୍ର ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକରୁ ତେଲ ମଗାଇବା ଉପରେ ଭାରତ ବିଚାର କରୁଛି ।

## ମାର୍କ ଜୁକରବର୍ଗଙ୍କ ବଢିଲା ଅଡୁଆ

# ମେଟାକୁ ସମନ ପଠାଇବ ସଂସଦର ସ୍ଥାୟୀ କମିଟି

**ନୂଆଦିଲ୍ଲୀ,୧୩।୧(ନି.ପ୍ର.):** ସାମାଜିକ ଗଣମାଧ୍ୟମ ମେଟାର ମାଲିକ ମାର୍କ ଜୁକରବର୍ଗଙ୍କ ଅଡୁଆ ବଢିବାକୁ ଯାଉଛି । ଭାରତରେ ହୋଇଥିବା ୨୦୨୪ ଲୋକସଭା ନିର୍ବାଚନ ଉପରେ ବିବାଦୀୟ ବୟାନ ଦେଇ ଏବେ ବିବାଦ ଘେରରେ ଜୁକରବର୍ଗ ।ଏନେଇ ସଂସଦର ସ୍ଥାୟୀ କମିଟି ତାଙ୍କୁ ସମନ ପଠାଇବାକୁ ଯାଉଛି । ସୂଚନା ମୁତାବକ, ଚଳିତବର୍ଷ ଜାନୁଆରୀ ୧୦ ତାରିଖରେ ଜୁକରବର୍ଗ ଜୋଇ ରୋଗାନ ଏକ୍ସପରିଅନ୍ସ ପୋଡକାଷ୍ଟ ନାମକ ଏକ କାର୍ଯ୍ୟକ୍ରମରେ ଯୋଗ



ଦେଇଥିଲେ । କୋଭିଡ-୧୯ର ଦୁର୍ବଳ ପରିଚାଳନା ଯୋଗୁଁ ପିଏମ ମୋଦୀ ଲୋକସଭା ନିର୍ବାଚନ ଜିତି ମଧ୍ୟ ହାରିଯାଇଛନ୍ତି ବୋଲି ସେ ଏହି କାର୍ଯ୍ୟକ୍ରମରେ କହିଥିଲେ । ଏହି ପୋଡକାଷ୍ଟ ଭାଇରାଲ ହେବାପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ମିଛ ବୟାନ ପାଇଁ ଜୁକରବର୍ଗଙ୍କୁ କଡ଼ା ସମାଲୋଚନା କରିଥିଲେ । ବିଜେପି ସାଂସଦ ଏବଂ ସଂସଦ ଏବଂ ସୂଚନା ପ୍ରଯୁକ୍ତି ଉପରେ ସଂସଦର କମିଟିର ଅଧ୍ୟକ୍ଷ ନିଶିକାନ୍ତ ଦୁବେ କହିଥିଲେ ଯେ ଭୁଲ ସୂଚନା ପ୍ରସାର ଅଭିଯୋଗରେ ମେଟାକୁ ତଲବ କରାଯିବ । ନିଶିକାନ୍ତ ଦୁବେ ଏନେଇ ଏକ୍ସରେ, 'ଏକ ଗଣତାନ୍ତ୍ରିକ ଦେଶକୁ ନେଇ ଭୁଲ ସୂଚନା ପ୍ରସାର ଏହାର ଛବିକୁ ମଳିନ କରୁଛି । ଏହି ଭୁଲ ପାଇଁ କମ୍ପାନୀ ସଂସଦ ଏବଂ ଦେଶର ଲୋକଙ୍କୁ ଭୁଲ ମାଗିବା ଦରକାର' ବୋଲି ଲେଖିଥିଲେ ।ଭାରତ ସହ ବିଶ୍ୱର ପ୍ରାୟ ସମସ୍ତ ସରକାର କୋଭିଡ-୧୯ ମହାମାରୀ ଯୋଗୁଁ ପ୍ରଭାବିତ ହୋଇଛନ୍ତି ବୋଲି ପୋଡକାଷ୍ଟରେ ବସିଥିବା ଜୁକରବର୍ଗ କହିଥିଲେ । ଏହାପରେ ଏହାକୁ ନେଇ ଭାରତରେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଥିଲା । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନି ବୌଷ୍ଣବ ଏହାକୁ ବାସ୍ତବରେ ଭୁଲ ଆଖ୍ୟା ଦେଇଥିଲେ । ଏହାର ତଥ୍ୟ ଅନୁସନ୍ଧାନ କରିବାକୁ ସେ ମାର୍କ ଜୁକରବର୍ଗଙ୍କୁ ପରାମର୍ଶ ଦେଇଥିଲା। ଫେସବୁକ, ଇନଷ୍ଟାଗ୍ରାମ ଓ ହ୍ୱାଟ୍ସଆପ ଭଳି ସାମାଜିକ ଗଣମାଧ୍ୟମ ଚଳାଉଥିବା ମେଟା ପ୍ଲାଟଫର୍ମ ଏହାକୁ ନେଇ ଏଯାଏଁ କୌଣସି ଅଧିକାରୀକ ପ୍ରତିକ୍ରିୟା ପ୍ରକାଶ କରିନାହିଁ ।

# ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ଭରିଲେ ମୁଖ୍ୟମନ୍ତ୍ରୀ ଆତିଶୀ

**ନୂଆଦିଲ୍ଲୀ,୧୩।୧(ନି.ପ୍ର.:** ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ କାଲକାଜୀ ଆସନରୁ ପ୍ରାର୍ଥିପତ୍ର ଭରିଛନ୍ତି ମୁଖ୍ୟମନ୍ତ୍ରୀ ଆତିଶୀ ।ସେପଟେ ନିର୍ବାଚନ ପରିପ୍ରେକ୍ଷୀରେ ବଢୁଛି ଆରୋପ, ପ୍ରତ୍ୟାରୋପର ରାଜନୀତି ।ବିଭିନ୍ନ ପ୍ରମୁଖ ଦଳ ପରସ୍ପର ଉପରେ କରୁଛନ୍ତି ଆକ୍ରମଣ । ଗତକାଲି ଇଣ୍ଡି ମେଣ୍ଟ ରାଲିରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଶାଣିତ ଟାର୍ଗେଟ କରିଥିଲେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ପ୍ରଦୂଷଣ ଓ ମୁଦ୍ରାସ୍ଫୀତି ଲାଗି କେଜରିୱାଲ ଦାୟୀ ବୋଲି କହିଥିଲେ ରାହୁଲ । ସେ କହିଥିଲେ- ଦିଲ୍ଲୀକୁ ଏକ ସ୍ୱଚ୍ଛ ସହରରେ ପରିଣତ କରିବା, ଦୁର୍ନୀତିମୁକ୍ତ ଶାସନ ଓ ଜାତୀୟ ରାଜଧାନୀକୁ ପ୍ୟାରିସରେ ପରିଣତ କରାଯିବ ବୋଲି କେଜରିୱାଲ କହିଥିଲେ ।ହେଲେ ସବୁକିଛି ପ୍ରତିଶ୍ରୁତିରେ ରହିଯାଇଥିଲା । ସେପଟେ ରାହୁଲଙ୍କୁ କଡା ଜବାବ ଦେଇଥିଲେ କେଜରିୱାଲ । କେଜରିୱାଲ କହିଥିଲେ- ରାହୁଲ କଂଗ୍ରେସକୁ ବଞ୍ଚାଇବା ଲାଗି ଲଢେଇ କରୁଛନ୍ତି । କିନ୍ତୁ ସେ ଦେଶକୁ ରକ୍ଷା କରିବା ଲାଗି ଲଢେଇ କରୁଛନ୍ତି । ତେଣେ ପ୍ରଦୂଷଣ, ମୌଳିକ ସୁବିଧା ଓ ଆଇନ ଶୃଙ୍ଖଳା ସ୍ଥିତି ପ୍ରସଙ୍ଗରେ ଦିଲ୍ଲୀ କଂଗ୍ରେସ ପକ୍ଷରୁ ପ୍ରକାଶିତ କରାଯାଇଛି ୧୨ ଦଫା ସମ୍ବଳିତ ଶ୍ୱେତପତ୍ର । ତେଣେ ନିଜ ନିର୍ବାଚନ ଇସ୍ତାହାରରେ ଆପ୍ ୭ରୁ ୮ଟି ଲୋକପ୍ରିୟ ପ୍ରତିଶ୍ରୁତି ଘୋଷଣା କରିପାରେ ବୋଲି ସୂଚନା ମିଳିଛି । ମାଗଣା ବିଦ୍ୟୁତ, ପାଣି, ଶିକ୍ଷା, ତୀର୍ଥ ଯାତ୍ରା, ମହିଳାଙ୍କ ଲାଗି ବସଯାତ୍ରା ସୁବିଧା ଦଳ ଘୋଷଣା କରିବ ବୋଲି ସୂଚନା ମିଳିଛି । ହାଟ୍ରିକ ଲକ୍ଷ୍ୟ ରଖିଥିବା ଆପ୍ ମହିଳା ସମ୍ମାନ ଯୋଜନା, ସଞ୍ଜୀବନୀ ଯୋଜନା, ଗ୍ରନ୍ଥୀ ସମ୍ମାନ ଯୋଜନା ଆଦି ଘୋଷଣା କରିସାରିଛି । ତେଣେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ବିରୋଧରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ଏକ ମାମଲା ରୁଜୁ ହୋଇଛି । ଗତ ଜାନୁଆରୀ ୭ରେ ନିର୍ବାଚନ ଘୋଷଣା ପରେ ଦିଲ୍ଲୀ ସରକାରଙ୍କ ପୂର୍ତ୍ତ ବିଭାଗର ଏକ ଗାଡିରେ ନିର୍ବାଚନ ପ୍ରଚାର ସାମଗ୍ରୀକୁ ଆପର ନିର୍ବାଚନ କାର୍ଯ୍ୟାଳୟରେ ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି ।

# ସିଆଚିନ ଗ୍ଲେସିୟରରେ ଜିଓ ୫ଜି ସେବା ପ୍ରଦାନ କରିବାରେ ହେଲା ଦେଶର ପ୍ରଥମ ଅପରେଟର

**ନୂଆଦିଲ୍ଲୀ,୧୩।୧(ନି.ପ୍ର.):** ରିଲାଏନ୍ସ ଜିଓ ବିଶ୍ୱର ସବୁଠାରୁ ଉଚ୍ଚ ଯୁଦ୍ଧ କ୍ଷେତ୍ର ସିଆଚିନ ଗ୍ଲେସିୟରରେ ଇଣ୍ଟରନେଟ ସେବା ପହଞ୍ଚାଇବାକୁ ସକ୍ଷମ ହୋଇଛି ।ଭାରତୀୟ ସେନାର ଫାୟାର ଆଣ୍ଡ୍ ଫ୍ୟୁରି ଫୋର୍ସ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏ ନେଇ ଏକ ପୋଷ୍ଟ ଜରିଆରେ ସୂଚନା ଦିଆଯାଇଛି । ସେନା ମୁତାବକ, ଜିଓ ଟେଲିକମ ଏବଂ ଭାରତୀୟ ସେନା ମିଳିତ ହୋଇ ବିଶ୍ୱର ସବୁଠାରୁ ଉଚ୍ଚ ଯୁଦ୍ଧକ୍ଷେତ୍ର ସିଆଚୀନ ଗ୍ଲେସିୟରରେ ପ୍ରଥମ ୫ଜି ମୋବାଇଲ ଟାୱାରକୁ ସଫଳତାପୂର୍ବକ ସ୍ଥାପନ କରିଛନ୍ତି ।




ଏହାକୁ ସିଆଚୀନର ଏକ ଫ୍ରଣ୍ଟ ପୋଷ୍ଟରେ ସ୍ଥାପନ କରାଯାଇଛି । ୧୬ ହଜାର ଫୁଟ ଉଚ୍ଚରେ ସ୍ଥାପନ ହୋଇଛି ଏହି ଟାୱାର । ଜାନୁଆରୀ ୧୫ ରେ ସେନା ଦିବସ ଅବ୍ୟବହିତ ପୂର୍ବରୁ ସିଆଚିନ୍ ଗ୍ଲେସିଅରରେ ୪ଜି ଏବଂ ୫ଜି ସେବା ଆରମ୍ଭ କରି ଜିଓ ଏକ ଅଭୂତପୂର୍ବ ସଫଳତା ହାସଲ କରିଛି । ସିଆଚିନ୍ ଗ୍ଲାସିଅରରେ ସେବା ଆରମ୍ଭ କରିବାରେ ଜିଓ ଦେଶର ପ୍ରଥମ ଅପରେଟର ହୋଇଛି । ଏହାକୁ ଏକ ଉଲ୍ଲେଖନୀୟ ସଫଳତା ଭାବେ ଅଭିହିତ କରି ସେନା ପକ୍ଷରୁ କୁହାଯାଇଛି ଯେ, ଏହି ଅଦମ୍ୟ ସଫଳତା ଆମର ସାହସୀ ସୈନିକମାନଙ୍କ ପାଇଁ ସମର୍ପିତ, ଯେଉଁମାନେ ଆହ୍ୱାନମୂଳକ କଠିନ ପରିସ୍ଥିତିରେ ନିୟୋଜିତ ଥାଇ ଏହି ଆହ୍ୱାନକୁ ସମ୍ପୂର୍ଣ୍ଣ କରିଥିଲେ ।

# 'ମୁଁ ଦେଶ ବଞ୍ଚାଇବାକୁ ଲଢୁଛି, କିନ୍ତୁ ରାହୁଲ ଦଳ ପାଇଁ'

**ନୂଆଦିଲ୍ଲୀ,୧୩।୧(ନି.ପ୍ର.):** 'ମୁଁ ଦେଶ ବଞ୍ଚାଇବାକୁ ଲଢୁଛି । କିନ୍ତୁ ରାହୁଲ ଗାନ୍ଧି କଂଗ୍ରେସ ଦଳକୁ ବଞ୍ଚାଇବା ପାଇଁ ଲଢୁଛନ୍ତି ।' ଆଜି ଏଭଳି କିଛି କହି କଂଗ୍ରେସ ଉପରେ ବର୍ଷିଛନ୍ତି ଅମ୍ ଆଦମୀ ପାର୍ଟି ସୁପ୍ରିମୋ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ସୋମବାର ଦିନ ଆମ୍ ଆଦ୍ମୀ ପାର୍ଟି (ଆପ୍)ର ମୁଖିଆ ଅରବିନ୍ଦ କେଜ୍ରିୱାଲଙ୍କୁ କଡ଼ା ସମାଲୋଚନା କରିଥିଲେ । ସେ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତୁଳନା କରି ଉଭୟ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଅଭିଯୋଗ ଆଣିଥିଲେ । ଆଜି କେଜ୍ରିୱାଲ ଏହାର ପାଲଟା ଜବାବ ଦେଇଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ କେଜ୍ରିୱାଲ ରାହୁଲ ଗାନ୍ଧିଙ୍କ ଉପରେ ବର୍ଷିଛନ୍ତି ।ସେ କହିଛନ୍ତି, ମୁଁ ରାହୁଲ ଗାନ୍ଧିଙ୍କ ବିରୋଧରେ କିଛି କହିବି ନାହିଁ । ମୁଁ ଦେଶକୁ ବଞ୍ଚାଇବା ପାଇଁ



ଲଢୁଛି ।ହେଲେ ସେ କଂଗ୍ରେସ ଦଳକୁ ବଞ୍ଚାଇବା ପାଇଁ ଯୁଦ୍ଧ କରୁଛନ୍ତି । ସେହିପରି ବିଜେପି ଉପରେ ମଧ୍ୟ ବର୍ଷିଛନ୍ତି କେଜ୍ରିୱାଲ । ନିର୍ବାଚନରେ ବିଜେପି ଖୋଲାଖୋଲି ଭାବେ ଟଙ୍କା ବାଣ୍ଟୁଥିବା ସେ ଅଭିଯୋଗ ଆଣିଛନ୍ତି । ନିର୍ବାଚନ ଯେତିକି ପାଖେଇ ଆସୁଛି, ସେତିକି ଦିଲ୍ଲୀରେ ଆପର ସ୍ଥିର ସରକାର ଗଠନ ହେବାକୁ ଯାଉଥିବା ନେଇ ସ୍ପଷ୍ଟ ହେବାରେ ଲାଗିଛି । ଦିଲ୍ଲୀ ହାସଲ କରିବାକୁ ବିଜେପି ଭୋଟରଙ୍କୁ ଟଙ୍କା ବାଣ୍ଟୁଛି । ଏହି କାରଣରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି । କେଜ୍ରିୱାଲ ଏହା ମଧ୍ୟ କହିଛନ୍ତି ଯେ ତାଙ୍କ ନେତାମାନଙ୍କୁ ବାଣ୍ଟିବା ପାଇଁ ୧୦ ହଜାର ଲେଖାଏଁ ଦିଆଯାଇଥିଲା, କିନ୍ତୁ ସେମାନେ ନିଜ ପାଖରେ ୯ ହଜାର ରଖି ଲୋକମାନଙ୍କୁ କେବେଳ ୧ ହଜାର ଟଙ୍କା ଦେଇଥିବା ସେ ଅଭିଯୋଗ ଆଣିଛନ୍ତି । ଏଥିଲାଗି ବିଜେପି ପ୍ରତି ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି ବୋଲି ସେ କହିଛନ୍ତି ।କହିରଖୁ ଯେ, ଆସନ୍ତା ଫେବ୍ରୁଆରୀ ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପଡିବ ଭୋଟ୍ । ଫେବ୍ରୁଆରୀ ୮ ତାରିଖରେ ଭୋଟ୍ ଗଣତି ହେବ ।

# ମେଟା ସିଇଓଙ୍କ ମନ୍ତବ୍ୟକୁ ଖଣ୍ଡନ କଲେ କେନ୍ଦ୍ରମନ୍ତ୍ରୀ

**ନୂଆଦିଲ୍ଲୀ,୧୩।୧(ନି.ପ୍ର.):** ମେଟା ସିଇଓ ମାର୍କ ଜକରବର୍ଗ ଭାରତ ସଂପର୍କରେ ଦେଇଥିବା ମନ୍ତବ୍ୟକୁ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଖଣ୍ଡନ କରିଛନ୍ତି । ଏକ ସାକ୍ଷାତକାରରେ ଜକରବର୍ଗ କହିଥିଲେ ଯେ କୋଭିଡ୍-୧୯ ପରେ ବିଶ୍ୱରେ ଭାରତ ସମେତ ଅନ୍ୟ ସବୁ ସ୍ଥାନରେ ହୋଇଥିବା ନିର୍ବାଚନରେ ଶାସନ ।ମତାରେ ଥିବା ଦଳଗୁଡ଼ିକ ପରାଜିତ ହୋଇଛନ୍ତି । ଜୋ ରୋଗାନଙ୍କ ସହିତ ଏକ ପଡକାଷ୍ଟ୍ରେ ସେ ଦାବି କରିଥିଲେ ୨୦୨୪ ମସିହା ବିଶ୍ୱ ପାଇଁ ଏକ ନିର୍ବାଚନ ବର୍ଷ ଥିଲା । ଭାରତ ସମେତ ବହୁ ଦେଶରେ ନିର୍ବାଚନ ହୋଇଥିଲା । ମୁଖ୍ୟତଃ ଶାସନ କ୍ଷମତାରେ ଥିବା ଦଳଗୁଡ଼ିକ ନିର୍ବାଚନରେ ହାରିଯାଇଥିଲେ । ଉଚ୍ଚ ମୁଦ୍ରାସ୍ଫୀତି ହେଉ କିମ୍ବା କୋଭିଡ୍ ମହାମାରୀର ମୁକାବିଲା ପାଇଁ ନିଆଯାଇଥିବା ଅର୍ଥନୈତିକ ନୀତି ପାଇଁ ହେଉ ଅବା ସରକାର ଯେଉଁଳି ଭାବେ କୋଭିଡ୍ର ମୁକାବିଲା କଲେ ତାହାର ପ୍ରଭାବ ନିର୍ବାଚନ ଉପରେ ପଡ଼ିଛି । ଏଥିଯୋଗୁ କ୍ଷମତାରେ ଥିବା ସରକାର ଏବଂ ମୋଟାମୋଟି ଭାବେ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଆସ୍ଥା ହ୍ରାସ



ପାଇବାରୁ ଏହା ହୋଇଛି ବୋଲି ମେଟା ସିଇଓ କହିଛନ୍ତି । କିନ୍ତୁ ଏହା ଉପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଭାରତ ସରକାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଚାଲିଥିବା ସରକାର ୨୦୨୪ ନିର୍ବାଚନରେ ପରାଜିତ ହୋଇଛି ବୋଲି ଜକରବର୍ଗ କରିଥିବା ଦାବିକୁ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଭୁଲ୍ ବୋଲି କହିଛନ୍ତି । ବୈଷ୍ଣବ କହିଛନ୍ତି ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତରେ ୨୦୨୪ରେ ହୋଇଥିବା ନିର୍ବାଚନରେ ୬୪ କୋଟିରୁ ଅଧିକ ଭୋଟର ସାମିଲ ଥିଲେ । ଭାରତର ଲୋକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଉପରେ ପୁନର୍ବାର ଆସ୍ଥା ସ୍ଥାପନ କରିଛନ୍ତି । ତେଣୁ ଜକରବର୍ଗଙ୍କ ମନ୍ତବ୍ୟ ତଥ୍ୟ ଦୃଷ୍ଟିରୁ ଠିକ୍ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ୨୦୨୪ ନିର୍ବାଚନରେ ଏନଡିଏ ବିଜୟୀ ହୋଇ ଲଗାତାର ତୃତୀୟ ଥର ପାଇଁ କ୍ଷମତାକୁ ଆସିଛି । ମହାମାରୀ ସମୟରେ ସରକାର ୮୦ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟ ବଣ୍ଟନ କରିବା ସହିତ ୨୨୦ କୋଟି ମାଗଣା ଟିକା ପ୍ରଦାନ କରିଛନ୍ତି ଏବଂ ଅନ୍ତର୍ଜାତୀୟ ସମୁଦାୟକୁ ସହାୟତା ଯୋଗାଇଛନ୍ତି । ମେଟା ସିଇଓଙ୍କ ଦ୍ୱାରା ଭୁଲ୍ ସୂଚନା ପ୍ରସାର କରାଯାଇଥିବାରୁ ଏହା ନିରାଶ କରିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଅନ୍ତର୍ଜାତୀୟ ଶ୍ରମ ସଂଗଠନ ରିପୋର୍ଟ

# ଚୀନଠାରୁ ଅଧିକ ଖଟୁଛନ୍ତି ଭାରତୀୟ

**ନୂଆଦିଲ୍ଲୀ,୧୩।୧(ନି.ପ୍ର.):** ସପ୍ତାହକୁ ୯୦ ଘଣ୍ଟା କାମ କରିବା ଲାଗି ଏଲ୍ଆଣ୍ଡଟିର ଅଧ୍ୟକ୍ଷ ଏସ୍ ଏନ୍ ସୁବ୍ରମଣ୍ୟନ୍ କହିବା ପରେ ତାଙ୍କୁ ବିଭିନ୍ନ ମହଲରୁ କଡ଼ା ସମାଲୋଚନା କରାଯାଉଛି । ଅଳ୍ପ କିଛି ଲୋକ ତାଙ୍କ ସମର୍ଥନରେ ବାହାରିଥିବା ବେଳେ ଅନ୍ୟମାନେ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ତାଙ୍କୁ କଡ଼ା ନିନ୍ଦା କରୁଛନ୍ତି । ସୁବ୍ରମଣ୍ୟନ୍ ହୁଅନ୍ତୁ କିମ୍ବା ଇନ୍ଫୋସିସର ପ୍ରତିଷ୍ଠାତା ଏନ୍ ଆର୍ ନାରାୟଣମୂର୍ତ୍ତି, ରାଷ୍ଟ୍ର ଗଠନ ଲାଗି ଅଧିକ ସମୟ ପରିଶ୍ରମ କରିବା ଜରୁରୀ ବୋଲି ଯୁକ୍ତି କରୁଛନ୍ତି । କିନ୍ତୁ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ତଥ୍ୟ ଅଲଗା କଥା କହୁଛନ୍ତି । ଯେଉଁ ଚୀନ୍ ସହିତ ଭାରତକୁ ତୁଳନା କରାଯାଉଛି ସେହି ଚୀନବାସୀଙ୍କଠାରୁ ଭାରତୀୟମାନେ ଅଧିକ ଖଟୁଛନ୍ତି ।ଶ୍ରମ ସଂଗଠନ ରିପୋର୍ଟ କହୁଛି ଯେ ବିକାଶଶୀଳ ଓ ଉଦୀୟମାନ ଦେଶଗୁଡ଼ିକରେ ଶ୍ରମିକମାନେ ମୁଖ୍ୟତଃ ଅଧିକ ସମୟ ଖଟୁଛନ୍ତି । ଏହା ପଛର ଏକ ବଡ଼ କାରଣ ହେଉଛି ଏହି ଦେଶଗୁଡ଼ିକରେ ଘଣ୍ଟା ପିଛା ପାରିଶ୍ରମିକ ଯଥେଷ୍ଟ କମ୍ ରହିଛି ଏବଂ କିଛି ଲୋକ ଅଧିକ ପରିଶ୍ରମ କରି ନିଜ ଆୟ ବାଢ଼ିବାକୁ ଚାହୁଁଛନ୍ତି । ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ଲାଗି ଏହି ଦେଶଗୁଡ଼ିକର ଶ୍ରମିକମାନେ ଅଧିକ ପରିଶ୍ରମ କରିବାକୁ ବାଧ୍ୟ ହେଉଛନ୍ତି । ବିକାଶଶୀଳ ଦେଶଗୁଡ଼ିକ ସମ୍ପର୍କରେ ରିପୋର୍ଟରେ ଭିନ୍ନ କଥା କୁହାଯାଇଛି । ଧନୀ ଦେଶଗୁଡ଼ିକରେ ବେତନଭୋଗୀ କର୍ମଚାରୀମାନଙ୍କୁ କାମ କିମ୍ବା ପ୍ରକଳ୍ପ ଶେଷ କରିବାକୁ କୁହାଯାଉଛି । ସେଠାରେ କିଛି ଲୋକ ନିଜ କ୍ୟାରିୟରକୁ ଆଗକୁ ବାଢ଼ିବା କିମ୍ବା ସଂସ୍ଥା ପ୍ରତି ଅନୁଗତ୍ୟ ପ୍ରଦର୍ଶନ କରିବା ଲାଗି ଲମ୍ବା ସମୟ କାମ କରୁଛନ୍ତି । ଶ୍ରମ ସଂଗଠନ ରିପୋର୍ଟ ଅନୁସାରେ 'ଅତ୍ୟଧିକ ସମୟ କାମ କରୁଥିବା' ଦେଶ ତାଲିକାରେ ଭାରତ ନାମ ରହିଛି । ଆଇଏଲ୍ଓ ଅନୁସାରେ ସପ୍ତାହକୁ ୪୮ ଘଣ୍ଟାରୁ ଅଧିକ ସମୟ କାମ କରିବା ହେଉଛି 'ଲମ୍ବା ସମୟ' । ୨୦୧୯ରେ ସମଗ୍ର ବିଶ୍ୱର ୩୫.୪ ପ୍ରତିଶତ ଶ୍ରମିକ ନିର୍ଦ୍ଧାରିତ ସମୟଠାରୁ ଅଧିକ କାମ କରୁଥିଲେ । ଯେଉଁ ଦେଶଗୁଡ଼ିକରେ କର୍ମଚାରୀମାନେ ଅଧିକ ସମୟ କାମ କରୁଛନ୍ତି, ସେଭଳି ୨୦ଟି ପ୍ରମୁଖ ଦେଶ ତାଲିକାରେ ଭାରତ ତ୍ରୟୋଦଶ (୧୩) ସ୍ଥାନରେ ରହିଛି । ଆଶ୍ଚର୍ଯ୍ୟର ବିଷୟ ହେଉଛି ମାତ୍ରାଧିକ ସମୟ ପରିଶ୍ରମ କରୁଥିବା ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ହେଉଥିବା ଦେଶ ଚୀନ୍ରେ ଲୋକମାନେ ଭାରତୀୟଙ୍କଠାରୁ କମ୍ ପରିଶ୍ରମ କରୁଛନ୍ତି । ଚୀନରେ ହାରାହାରି ସାପ୍ତାହିକ କାର୍ଯ୍ୟ ସମୟ ୪୬.୫ ଘଣ୍ଟା ରହିଛି ଯାହା ଭାରତର ୪୬.୭ ଘଣ୍ଟାଠାରୁ କମ । ବ୍ରୁନେଇ, କେନିଆ ଓ ସେନେଗାଲ୍ର ଲୋକମାନେ ମଧ୍ୟ ଭାରତୀୟଙ୍କଠାରୁ କମ୍ ଖଟୁଛନ୍ତି । ଶ୍ରମିକମାନେ ସପ୍ତାହକୁ ଅଧିକ ପରିଶ୍ରମ କରୁଥିବା ଦେଶ ତାଲିକାର ଶୀର୍ଷରେ ଭୁଟାନ ରହିଛି। ସେଠାରେ ଲୋକମାନେ ସପ୍ତାହକୁ ୫୪.୪ ଘଣ୍ଟା ପରିଶ୍ରମ କରୁଛନ୍ତି । ଏହା ପଛକୁ ରହିଛନ୍ତି ୟୁଏଇ (୫୦.୯ ଘଣ୍ଟା), ଲିସୋଥୋ (୫୦.୪ ଘଣ୍ଟା), କଙ୍ଗୋ (୪୮.୬ ଘଣ୍ଟା), କତର (୪୮ଘଣ୍ଟା), ଲାଇବେରିଆ।(୪୭.୭ ଘଣ୍ଟା), ଲେବାନନ (୪୭.୬ ଘଣ୍ଟା), ବାଂଲାଦେଶ (୪୬.୯ ଘଣ୍ଟା), ପାକିସ୍ତାନ (୪୬.୯ ଘଣ୍ଟା) ।

## ନୂଆ ଯୁଦ୍ଧ ଆଶଙ୍କା

# ଯୁଦ୍ଧପୋତ, କ୍ଷେପଣାସ୍ତ୍ର ବୃଦ୍ଧି କରୁଛନ୍ତି ଇସ୍ରାଏଲ୍ -ତୁର୍କୀ

**ତେଲ ଅଭିବ,୧୩।୧(ନି.ପ୍ର.):** ଗାଜା, ଲେବାନନ୍ ଏବଂ ସିରିଆରେ ଯୁଦ୍ଧ ପରେ ଇସ୍ରାଏଲ୍ ଏବଂ ତୁର୍କୀ ମଧ୍ୟରେ ସମ୍ପର୍କ ଏବେ ଅଧିକ ତିକ୍ତ ହେବାରେ ଲାଗିଛି। ମୁସଲମାନ ଦେଶର ଖଲିଫା ହେବାକୁ ସ୍ୱପ୍ନ ଦେଖୁଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ତୁର୍କୀ ରାଷ୍ଟ୍ରପତି ରିସେପ୍ ତାଇପ ଏର୍ଦୋଗନଙ୍କ ଆଭିମୁଖ୍ୟ ଯୋଗୁ ପଶ୍ଚିମ ଏସିଆରୁ ଭୂମଧ୍ୟସାଗର ପର୍ଯ୍ୟନ୍ତ ପରିବେଶ ତିକ୍ତ ହୋଇପଡିଛି । ଇସ୍ରାଏଲ ଏବଂ ତୁର୍କୀ ମଧ୍ୟରେ ଚାଲିଥିବା ବିବାଦର କେନ୍ଦ୍ର ପାଲଟିଛି । ଯେଉଁଠାରେ ଏର୍ଦୋଗନଙ୍କ ସମର୍ଥିତ ଏଚଟିଏସ ବିଦ୍ରୋହୀମାନେ ବଶର ଅଲ-ଅସଦଙ୍କ ପଳାୟନ ପରେ କ୍ଷମତା ଦଖଲ କରିଛନ୍ତି । ଏହା ସହିତ ତୁର୍କୀର ନିୟନ୍ତ୍ରଣ କ୍ଷେତ୍ର ବର୍ତ୍ତମାନ ଇସ୍ରାଏଲ୍ ସୀମାରେ ପହଞ୍ଚିଛି । କେବଳ ଏତିକି ନୁହେଁ, ତୁର୍କୀ ସେ ନ୍ୟବାହିନୀ ସିରିଆ ଭିତରେ ବହୁ ସଂଖ୍ୟାରେ ଉପସ୍ଥିତ ଅଛନ୍ତି ଏବଂ ଇସ୍ରାଏଲ ତଥା ଆମେରିକା ଦ୍ୱାରା ସମର୍ଥିତ କୁର୍ଦ୍ଦମାନଙ୍କ ଉପରେ ଆକ୍ରମଣ କରୁଛନ୍ତି । ଏହି ଉତ୍ତେଜନା ମଧ୍ୟରେ ତୁର୍କୀ ଏବଂ ଇସ୍ରାଏଲ ମଧ୍ୟରେ ସାମରିକ ବିବାଦ ହେବାକୁ ଯାଉଛି ବୋଲି ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚା ହେଉଛି । ଉଭୟ ଇସ୍ରାଏଲ ଏବଂ ତୁର୍କୀ ସାମରିକ ଶକ୍ତି ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି । ତୁର୍କୀ ରାଷ୍ଟ୍ରପତି ଭୂମଧ୍ୟସାଗର ଆଫ୍ରିକା ଉପରେ ନଜର ରଖିଛନ୍ତି । ସେ ସେଠାରେ ନିଜର ପ୍ରଭାବ ବାଢ଼ିବାକୁ ଚାହୁଁଛନ୍ତି । ବିଶେଷଜ୍ଞମାନେ କହିଛନ୍ତି ଯେ, ଅକ୍ଟୋବର ୭ ରେ ହମାସ ଆକ୍ରମଣର ଜବାବ ଦେବା ପାଇଁ ଯେତେବେଳେ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ କରିଥିଲା, ତୁର୍କୀ ଏହାର ଫାଇଦା ଉଠାଇଥିଲା । ଏର୍ଦୋଗନଙ୍କ ଦଳ ଦେଶ ତଥା ଏହାର ଆଖପାଖ ଅଞ୍ଚଳରେ ଇସଲାମ ତଥା ଏକ ନୂତନ ଅସ୍ମାନୀ ଭାବନାର ପ୍ରଚାର କରି ହମାସ ଏବଂ କତାର ସହ ଘନିଷ୍ଠ ସମ୍ପର୍କକୁ ପ୍ରୋତ୍ସାହିତ କରୁଛି । ଗାଜା ଯୁଦ୍ଧ ସମୟରେ ତୁର୍କୀ ସରକାର ହମାସକୁ ନୈତିକ ସମର୍ଥନ ଯୋଗାଇ ବିବାଦ ଭିତରକୁ ଆସିଥିଲେ । କେବଳ ଏତିକି ନୁହେଁ, ଅନେକ ହମାସ କମାଣ୍ଡର ତୁର୍କୀରେ ଆଶ୍ରୟ ନେଇଥିଲେ । କେବଳ ଏତିକି ନୁହେଁ, ତୁର୍କୀ କ୍ରମାଗତ ଭାବରେ ଇସ୍ରାଏଲକୁ ଟାର୍ଗେଟ କରୁଛି । ତୁର୍କୀ ଧମକ ଦେଇଥିଲା ଯେ, ଯଦି ଇସ୍ରାଏଲ୍ ଲେବାନନ୍ ଉପରେ ଆକ୍ରମଣ କରେ, ତୁର୍କୀ ମଧ୍ୟ ଯୁଦ୍ଧକୁ ଓହ୍ଲାଇବ । ସିରିଆରେ ଏଚଟିଏସ ର ସଫଳତାରେ ତୁର୍କୀ ଗୁପ୍ତଚର ସଂସ୍ଥା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ସିରିଆର ଅସାଦ ସରକାର ତୁର୍କୀରୁ ଲକ୍ଷ ଲକ୍ଷ ଶରଣାର୍ଥୀଙ୍କୁ ଫେରାଇ ଆଣିବାକୁ ମନା କରିଦେଇଥିଲେ । ବର୍ତ୍ତମାନ ଏଚଟିଏସ ତୁର୍କୀ ସହିତ ସହଯୋଗ କରୁଛି । ସିରିଆରେ ଏଚଟିଏସ କ୍ଷମତାକୁ ଆସିବାର କିଛି ସମୟ ପରେ ଇସ୍ରାଏଲ୍ ସିରିଆର ହରମୋନ୍ ପର୍ବତକୁ ଦଖଲ କରିଥିଲା । ସେହିପରି, ଇସ୍ରାଏଲ ଲଗାତାର ଆକ୍ରମଣ କରି ସିରିଆର ଅସଦ ସେନାର ଅସ୍ତ୍ରଶସ୍ତ୍ରକୁ ନଷ୍ଟ କରିଦେଇଛି । ଏଥି ସହିତ ଇସ୍ରାଏଲ୍ ତୁର୍କୀ ସେନାର କୁର୍ଦ୍ଦମାନଙ୍କ ବିରୋଧରେ ଅଭିଯାନକୁ ମଧ୍ୟ ନିନ୍ଦା କରିଛି । ଇସ୍ରାଏଲ୍ ସିରିଆ ଭିତରେ ପ୍ରାୟ ୧୦ କିଲୋମିଟର ପ୍ରବେଶ କରି ଏକ ବଫର୍ ଜୋନ୍ ସୃଷ୍ଟି କରିଛି । ତୁର୍କୀ ଏବଂ ଇସ୍ରାଏଲ ମଧ୍ୟରେ ବିବାଦ ବର୍ତ୍ତମାନ ପର୍ଯ୍ୟନ୍ତ ପରଦା ପଛରେ ଚାଲିଥିଲା କିନ୍ତୁ ବର୍ତ୍ତମାନ ଉତ୍ତେଜନା ବୃଦ୍ଧି ପାଉଛି ।

ସଂପାଦକୀୟ

## ସଂକଟରେ ମଧ୍ୟବିତ୍ତ

ସଂସଦରେ ମଧ୍ୟବିତ୍ତଙ୍କ ପ୍ରସଙ୍ଗ ଉଠାଇଥିଲେ ବିରୋଧୀ ଦଳର ନେତା, ରାହୁଲ ଗାନ୍ଧୀ ଓ ଦରଦାମ, ଗମନାଗମନ,ସନ୍ତାନଙ୍କ ଶିକ୍ଷା, ବିବାହ, ରୋଜଗାର ଆଦିକୁ ନେଇ ଏକଦା ସମୃଦ୍ଧ ରହି ଆସିଥିବା ଭାରତର ମଧ୍ୟବିତ୍ତ ବର୍ଗ ଦୁର୍ବଳ ହୋଇଚାଲିଛି । ୨୦୧୪ରୁ ୨୦୨୪ ମଧ୍ୟରେ ଏମାନଙ୍କର ସତେ ଯେପରି ମେରୁଦଣ୍ଡ ଦୋହଲି ଯାଇଛି ଓ ତରବରିଆ। ବିମୁଦ୍ରିକରଣ,ଜିଏସଟି ପ୍ରଚଳନ, ଲକଡାଉନ ଭଳି ଅପରିଣାମଦର୍ଶୀ ନିଷ୍ପତ୍ତି,ମଧ୍ୟମ,କ୍ଷୁଦ୍ର ଶିଳ୍ପ ଓ ଉତ୍ପାଦନକାରୀ ସଂସ୍ଥାଗୁଡିକର ସ୍ଥିତି ସୁଧାରିବା ନିମନ୍ତେ ନିର୍ଦ୍ଦିଷ୍ଟ ଯୋଜନାର ଅଭାବରୁ ସେହି ବର୍ଗର ଲୋକମାନେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି ଓ ସେମାନଙ୍କୁ ଶସକ୍ତ ଓ ସମୃଦ୍ଧ କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତି ନାହିଁ ଓ ଉପର ସ୍ତରରେ କର୍ପୋରେଟ ହାଉସ । ସର୍ବନିମ୍ନ ସ୍ତରରେ ଗରିବ ଶ୍ରେଣୀର ଲୋକମାନଙ୍କୁ ଖୁସି କରି ରାଜନୀତି ରୋଟି ସେକୁଥିବା କ୍ଷମତାସୀନ ସରକାର ଏବେ ମହିଳା ଭୋଟ ହାତେଇବାକୁ ମହିଳା ସଶକ୍ତିକରଣ ଯୋଜନାର ଡିଣ୍ଡିମ ପିଟୁଛନ୍ତି ଓ ମଧ୍ୟବିତ୍ତଙ୍କୁ ସଦା ସର୍ବଦା ଉପେକ୍ଷା କରାଯାଉଛି ।ସେମାନଙ୍କର ଆର୍ଥିକ ସ୍ଥିତି କ୍ରମାଗତ ଭାବରେ ବିଗିଡ଼ିବାରେ ଲାଗିଛି। ଏହା ସେମାନଙ୍କର ଖର୍ଚ୍ଚ ପାର୍ଟନକୁ ପ୍ରଭାବିତ କରିଥିବା ଏକ ନୂଆ। ରିପୋର୍ଟରୁ ଜଣାପଡିଛି । ମାରସେଲେସ ଇନଭେଷ୍ଟମେଣ୍ଟ ମ୍ୟାନେଜେର୍ସ ପକ୍ଷରୁ ପ୍ରସ୍ତୁତ ରିପୋର୍ଟ ଅନୁସାରେ, ତିନୋଟି ପ୍ରମୁଖ କାରଣ ଯୋଗୁଁ ଦେଶର ମଧ୍ୟବିତ୍ତ ବର୍ଗଙ୍କ ସ୍ଥିତି ବିଗୁଡୁଛି ଓ ଅନେକ ଅର୍ଥନୈତିକ ସମସ୍ୟା ମଧ୍ୟରେ ଛନ୍ଦି ହୋଇଯାଉଛି ମଧ୍ୟବିତ୍ତ । ପ୍ରଯୁକ୍ତିଗତ ବାଧା,ଚକ୍ରବର୍ତ୍ତୀ ଅର୍ଥନୈତିକ ଅବନ୍ନତି ଏବଂ ନିମ୍ନମୁଖୀ ପାରିବାରିକ ବାଲାନ୍ସ ସିଟ ଓ ରୁଟିନ ନିଯୁକ୍ତି, ଯାହାକି ଏକଦା ମଧ୍ୟବିତ୍ତଙ୍କ ନିଯୁକ୍ତି କ୍ଷେତ୍ରରେ ମେରୁଦଣ୍ଡ ପାଲଟିଥିଲା, ତାହାର ସ୍ଥାନ ନେଇଛି ଅଟୋମେଶନ ଏବଂ ଟେକ୍ନୋଲୋଜି ଓ ରିପୋର୍ଟ ଅନୁସାରେ,ଅଟୋମେଶନ ଓ ଟେକ୍ନୋଲୋଜି ଯୋଗୁଁ ଅଫିସ ଓ କାରଖାନାଗୁଡିକରେ କ୍ଲରିକାଲ ଓ ସୁପରଭାଇଜରି ଜବ ସଂଖ୍ୟାରେ ବୃହତ ହ୍ରାସ ଦେଖିବାକୁ ମିଳିଛି ଓ ଜାତୀୟ ପରିସଂଖ୍ୟାନ ଆୟୋଗର ପୂର୍ବତନ କାର୍ଯ୍ୟକାରୀ ଅଧ୍ୟକ୍ଷ ପି. ସି. ମୋହନ କୁହନ୍ତି, ଆଉଟସୋର୍ସିଙ୍ଗ ଏବଂ ଅଟୋମେଶନ ଭଳି କେତେକ ଖର୍ଚ୍ଚକାଟ ଅଭିଯାନ ଫଳରେ କର୍ମସ୍ଥଳରେ ଅନେକ ପରିଚାଳନାଗତ ପଦବି ଉଭାନ ହୋଇଗଲାଣି। ଏହାକୁ ସମର୍ଥନ କରି ୱେଇପ୍ର ଅଧ୍ୟକ୍ଷ, ରିଷବ ପ୍ରେମଜୀଙ୍କ କହିବା ଅନୁସାରେ, ଆର୍ଟିଫିସିଆଲ ଇଣ୍ଟେଲ୍ଲିଜେନ୍ସ (ଏଆଇ)ଯୋଗୁଁ ଆଗକୁ ଆହୁରି କିଛି ନିଯୁକ୍ତି ଉଭାନ ହୋଇଯିବାର ଆଶଙ୍କା ରହିଛି । ହ୍ୱାଇଟ କୋଲାର ଜବ ପ୍ରତି ବିପଦ ସୃଷ୍ଟି ହେବ । ରିପୋର୍ଟ ଅନୁସାରେ, ଭାରତର କୋଭିଡ-ପରବର୍ତ୍ତୀ ଅଭିବୃଦ୍ଧି ମନ୍ଥର ହୋଇଛି । ଏହା ଅର୍ଥନୀତିକୁ ଚକ୍ରବର୍ତ୍ତୀ ଅର୍ଥନୈତିକ ଅବନତି ଆଡକୁ ଠେଲିଦେଇଛି । ୨୦୨୪-୨୫ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୟମାସରେ କମ୍ପାନୀଗୁଡିକର ଆୟ ଦୁଇ ଦଶନ୍ଧିରେ ସବୁଠାରୁ ଅଧିକ ଖସିଛି ଓ ମୁକ୍ତ ବଜାର ଅର୍ଥନୀତିରେ ଏଭଳି ଅବନତି ସାଧାରଣ ହୋଇଥିବାବେଳେ ମଧ୍ୟବିତ୍ତଙ୍କ ଉପରେ ଏହାର ପ୍ରଭାବ ଭୟଙ୍କର ରହିଥାଏ । ସେମାନଙ୍କ ବ୍ୟୟ ସଂକୁଚିତ କରିଥାଏ ଓ ବର୍ଦ୍ଧିତ ପାରିବାରିକ ଋଣ ସ୍ଥିତିକୁ ଆହୁରି ସଂଗୀନ କରିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଡାଟା ଅନୁସାରେ,ଜିଡିପିରେ ନେଟ ପାରିବାରିକ ସଞ୍ଚୟ ୫୦ ବର୍ଷର ସର୍ବନିମ୍ନ ସ୍ତରରେ ଅଛି । ଅସୁରକ୍ଷିତ ଋଣ ନେଟ ସଞ୍ଚୟକୁ ଖସାଇଛି ଓ ଫଳରେ ପରିବାରଗୁଡିକର ସଞ୍ଚୟ ହ୍ରାସ ପାଇଛି । ସହରାଞ୍ଚଳ ଚାହିଦାକୁ ପ୍ରଦର୍ଶନ କରୁଥିବା ଏଫଏମସିଜି କମ୍ପାନୀଗୁଡିକର ଆୟରେ ହ୍ରାସ ଦେଖାଦେଇଛି। ନେସଲେ ଇଣ୍ଡିଆ। ଏମଡିଙ୍କ କହିବା ଅନୁସାରେ କମ୍ପାନୀଗୁଡିକର ଆୟ ଖସିବାର ପ୍ରମୁଖ କାରଣ ହେଉଛି ମଧ୍ୟବିତ୍ତଙ୍କ ଅବନ୍ନତି ଓ ସର୍ବଦା ଦୁଇ ଅଙ୍କ ଅଭିବୃଦ୍ଧି ହାସଲ କରି ଆସିଥିବା ଖାଦ୍ୟ ଓ ପାନୀୟ ଶିଳ୍ପର ଅଭିବୃଦ୍ଧି ୨%କୁ ଖସିଆସିଛି । ସହରାଞ୍ଚଳ ଚାହିଦା ଖସିବା ଯୋଗୁଁ ହିନ୍ଦୁସ୍ତାନ ୟୁନିଲିଭରର ବିକ୍ରି ହ୍ରାସ ପାଇଥିବା କମ୍ପାନୀ ସିଇଓଙ୍କ ସୂତ୍ରରୁ ଜଣାପଡିଛି ।ଆମ ଓଡ଼ିଶାରେ ବିଜେଡି ଶାସନର ୨୪ ବର୍ଷ ମଧ୍ୟରେ ଅର୍ଥନୈତିକ ଦୃଷ୍ଟିକୋଣରୁ ରାଜ୍ୟର ସ୍ଥିତି ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ ଉନ୍ନତ ରହିଛି । ଋଣଭାର କମ ଅଛି ଓ ଗରିବୀ ହ୍ରାସ ପାଇଛି । କିନ୍ତୁ ସରକାର ପରିବର୍ତ୍ତନ ହେବାର ପାଞ୍ଚ ମାସ ମଧ୍ୟରେ ଋଣଭାର ବଢ଼ିଲାଣି ଓ ବଜାର ନିୟନ୍ତ୍ରଣରେ ସରକାର ସମ୍ପୂର୍ଣ୍ଣ ଭାବରେ ଫେଲ ମାରିଛନ୍ତି ଓ ଆଳୁ, ପିଆଜ, ରସୁଣ, ଅଦା ସହିତ ସବୁ ପରିବା ଦର ମହଙ୍ଗା ହେଲାଣି ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ଫଳରେ କାନ୍ଧମାଳରେ ଆମ୍ବ ଟାକୁଆ। ଖାଇ ୩ ଜଣଙ୍କ ପ୍ରାଣହାନି ଖବର ସମସ୍ତଙ୍କୁ ବିଚଳିତ କରିଛି । ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ରସାତଳକୁ ଗଲାଣି । ସରକାର ସୁଭଦ୍ରା ଯୋଜନା କରି ମହିଳା ସଶକ୍ତିକରଣ ଡିଣ୍ଡିମ ପିଟୁଥିବା ବେଳେ ନାବାଳିକା, ମହିଳା ସୁରକ୍ଷା ନେଇ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ କରାଯାଉଛି । ସମସ୍ତ ଅଧୋଗତିର କଷାଘାତ ସହୁଛନ୍ତି ମଧ୍ୟବିତ୍ତ । ସେମାନଙ୍କୁ ନିମ୍ନ ଆୟକାରୀ ଗୋଷ୍ଠୀକୁ ଠେଲି ଦିଆଯାଉଛି ଓ ଚାପଗ୍ରସ୍ତ ମଧ୍ୟବିତ୍ତ ଶ୍ରେଣୀର ପ୍ରସଙ୍ଗ ଉଠାଇ ସଂସଦରେ ରାହୁଲ ଗାନ୍ଧୀ ଅପଦସ୍ତ ହୋଇଥିବା ବେଳେ ଆଗାମୀ ଦିନରେ ମଧ୍ୟବିତ୍ତ, ଉତପୀଡ଼ିତ ଦଳିତ, ଗରିବ, ଆଦିବାସୀ ମାନଙ୍କର ପ୍ରସଙ୍ଗ ଉଠାଇବା ସହିତ ଆଡାନୀଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗରେ ଆମେରିକା କୋର୍ଟରୁ ଆସିଥିବା ସମନ ନେଇ ହୁଲସ୍ଥୁଲ ହେଉଛି ସଂସଦ ଓ ହନ୍ତସନ୍ତ ମଧ୍ୟବିତ୍ତଙ୍କ ଯେପରି କେହି ସାହା ଭରସା ନାହିଁ, ସେପରି ଅନୁଭୂତ ହେଉଥିବାବେଳେ ସରକାର ଆଜମେର ଦରଘା ତଳୁ ଶିବ ମନ୍ଦିର ଖୋଦୁଛନ୍ତି କିନ୍ତୁ ଏପଟେ ରତ୍ନଭଣ୍ଡାରରୁ କଣ କଣ ଅଳଙ୍କାର ମିଳିଲା ତାହାର ହିସାବ ଦେଇପାରୁନାହାନ୍ତି । କେଦାରନାଥରୁ ୨୨୮ କିଲୋ ସୁନା ଗଲା କୁଆଡେ ବୋଲି ଶଙ୍କରାଚାର୍ଯ୍ୟଙ୍କ ପ୍ରଶ୍ନର କୌଣସି ଉତ୍ତର ନାହିଁ । ଭୁବନେଶ୍ୱର ବିମାନବନ୍ଦରରେ ଜବତ ହୋଇଥିବା ସୁନା କାହାର ତାହାର କୌଣସି ଯାଞ୍ଚ ହେଲାନି ଓ ଯେଉଁ ସରକାରର କିଛି ବି ଉତ୍ତରଦାୟିତ୍ୱ ନାହିଁ, ସେଭଳି ଡବଲ ଇଞ୍ଜିନ ସରକାର ମଧ୍ୟବିତ୍ତଙ୍କ ଆର୍ଥିକ ସ୍ଥିତି ମଜବୁତ କରିବା ପାଇଁ କଣ କରିପାରିବେ ବୋଲି ସର୍ବସାଧାରଣରେ ପ୍ରସଙ୍ଗ ସହିତ ପ୍ରଶ୍ନ ଉଠିବା ସ୍ୱାଭାବିକ ।

# ବିଷମିଶା ରଙ୍ଗୀନ ଖାଦ୍ୟର ମାୟାଜାଳ

### ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ବର୍ଷା ଦିନ ଆସିଲାଣି, ଲଗାଣ ବର୍ଷା ଭିତରେ ଗରମ କୋବି ମାଚ୍ୟୁରିଆନ, ରଙ୍ଗୀନ ମିଠା ଆଉ ପିଲାଙ୍କ କଟନକ୍ୟାଣ୍ଡି ଆଉ ସ୍କୁଲ ଯାଉଥିବା ପିଲାଙ୍କ ପାଇଁ ବରଫ ଗୋଲା ହେଉ ବା ରଙ୍ଗୀନ ଚୁସକି। ଏହାସବୁ ନିଶ୍ଚିନ୍ତ ଲୋଭନୀୟ, ଆକର୍ଷଣୀୟ ଓ ପାଗ ଦେଖା ପାଟି ଟକଳା ଜିନିଷ। ଗୋଟିଏ କଥା ଛୋଟିଆ ଭାବେ ଚିନ୍ତା କରନ୍ତୁ ଆଉ ମନେପକାନ୍ତୁ। ଆମ୍ଭେମାନେ ପ୍ରଥମେ ଆଖିରେ ଖାଇଥାଉ ପରେ ଏହା ପାଟିକୁ ଯାଇଥାଏ। ଅର୍ଥ ଖାଦ୍ୟଟି ରୁଚିକର, ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ କି ନହୋଇଥାଏ ଏହା ତ ପରର କଥା କିନ୍ତୁ ଦେଖିବାକୁ ଆକର୍ଷଣୀୟ ହୋଇଥିଲେ ନଜର ଛାଁ ଟାଣିହୋଇଯାଏ। ଆପଣ ବଜାରରେ ବୁଲିଲା ବେଳେ ଲକ୍ଷ୍ୟ ରଖିଥିବେ ଚିକିମିକିଆ ଆଲୁଅ ତଳେ ଭେଳିକି ଭେଳି ସଜା ହୋଇ ଯେଉଁ ଖାଇବା ଜିନିଷ ଗୁଡ଼ିକ ଥାଏ ତାହା କେବଳ ପିଲାମାନଙ୍କୁ ନୁହେଁ ଆମ ମାନଙ୍କ ପରି ବଡ଼ ଲୋକଙ୍କ ଆଖିରୁ ନଜର ଖସାଇ ପାରିନଥାଏ ଏବଂ ସ୍ୱତଃ ଆମେ ଦୋକାନ ପାଖକୁ ଚାଲିଯାଇଥାଉ। ଆମ ନିତିଦିନିଆ ଖାଦ୍ୟ ତାଲିକାରେ ଲାଲ ଲାଲ ଚିକେନ ତରକାରୀ ହେଉ ବା ବିଭିନ୍ନ ରଙ୍ଗର ଜିଲାପି, କେକ ହେଉ ବା ଚିକେନ କବାବ୍ ଦେଖିବାକୁତ ଅତ୍ୟନ୍ତ ଆକର୍ଷଣୀୟ। ଏହା ପାଟିକୁ ବେଶ ବଢ଼ିଆ ତୃପ୍ତିର ମଜା ଦେଇଥାଏ। କିନ୍ତୁ ଏହି ଭେଳିକି ଖାଦ୍ୟ ସବୁ ରଙ୍ଗୀନ କରିବା ପଛରେ ଯେଉଁ ଆର୍ଟିଫିସିଆଲ ଫୁଡ଼ କଲର ଯାହାକୁ କୃତ୍ରିମ ଖାଦ୍ୟରଙ୍ଗ କୁହାଯାଏ ସେ ସବୁ ରାସାୟନିକ ଫୁଡ଼ କଲର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଘାତକ, ବିପଦଜ୍ଜନକ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବିଗାଡ଼ି ଦେବା ପାଇଁ ଯଥେଷ୍ଟ ମଧ୍ୟ।

ଆସନ୍ତୁ ପ୍ରଥମେ ଆଗେ ପିଲାଙ୍କ ଖାଦ୍ୟରୁ ଆରମ୍ଭ କରିବା। ପିଲାମାନଙ୍କର ସବୁଠାରୁ ଲୋଭନୀୟ ହେଉଛି କଟନ କ୍ୟାଣ୍ଡି। କେହି କେହି ଏହାକୁ ବୁଢ଼ିଆ କି ବାଲ, କେହି କେହି ବମ୍ବେ ଲଡୁ, କେହି କେହି ବିଭିନ୍ନ ସ୍ଥାନୀୟ ନାମରେ ନାମିତ କରିଥାନ୍ତି। ଗାଁର ମେଳା ହେଉ ବା ଦୋଳଯାତ ବା ହାଟ ବଜାର ଫେରିବାଲାମାନେ ଗୋଲାପୀ ରଙ୍ଗର କଟନ କ୍ୟାଣ୍ଡି ବେଶ ହିନ୍ଦୀ ଗୀତର ସୁରିଲା ସ୍ୱରରେ ଡାକ ଦେଇ ବିକୁ ଥାନ୍ତି। କିନ୍ତୁ ଏସବୁ ଭିତରେ ଥିବା ବିଷାକ୍ତ ରଙ୍ଗ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଘାତକ। ଅନୁସନ୍ଧାନରୁ ଜଣାପଡ଼ିଛି ପିଲାଙ୍କ ଏହି ପ୍ରିୟ କଟନ କ୍ୟାଣ୍ଡିରେ ରୋଡ଼ାମାଇନ-ବିର ଏକ ବିଷାକ୍ତ ତତ୍ତ୍ୱ ରହିଛି। ଏହା ବିକ୍ରି ଉପରେ ତାମିଲନାଡୁ ଓ ପଣ୍ଡିଚେରୀ ସରକାର ନିଷେଦ୍ଧାଦେଶ ଜାରି କରିଛନ୍ତି। କଟନ କ୍ୟାଣ୍ଡିରେ ବ୍ୟବହାର ହେଉଥିବା ରୋଡ଼ାମାଇନ-ବି ଯାହାକି ଗୋଲାପୀ ରଙ୍ଗକୁ ଅତ୍ୟନ୍ତ ଆକର୍ଷଣୀୟ କରିଥାଏ ଏହା ଶୀଘ୍ର ପାଣି ମିଳେଇ ଯାଏ ଏବଂ ଅତ୍ୟନ୍ତ ଶସ୍ତାମାନର। ଏହା ବିଶେଷକରି ଚମଡ଼ାଶିଳ୍ପ, କାଗଜ ଓ କପଡ଼ା ଶିଳ୍ପରେ ବ୍ୟବହାର ହୁଏ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଏହାକୁ ଖାଦ୍ୟ ପଦାର୍ଥରେ ମିଶାଇବା ଉପରେ କଟକଣା ଲଗାଇଛନ୍ତି। ଏହାକୁ ଖାଦ୍ୟରେ ବ୍ୟବହାର କରିବା ଫୁଡ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ଼ ଆକ୍ଟ-୨୦୦୬ ଅନୁସାରେ ଅପରାଧ।

ଆମ୍ଭମାନଙ୍କର ଘରେ ବିଶେଷକରି ବର୍ଷାଳିଆ, ଥଣ୍ଡାଳିଆ ପାଗ ବା ଘରକୁ ଅତିଥି ଚର୍ଚ୍ଚା କ୍ଷେତ୍ରରେ କୋବି ମାନଚ୍ୟୁରିଆନକୁ ଭାରି ପସନ୍ଦ କରିଥାଉ। ଏହା ଏକ ଇଣ୍ଡିଆନ ଓ ଚାଇନିଜ ଫ୍ୟୁଜନ ଡିସ୍। କର୍ଣ୍ଣୋଫ୍ଲୋର, ମଇଦା, ବନ୍ଧାକୋବି ସସ୍‌କୁ ମିଶାଇ ଏହି ଚମତ୍କାର ପାଟି ଟକଳା ଖାଦ୍ୟରେ କ୍ରିସ୍ପି ଓ ସସର ଉପାଦାନ ରହୁଥିବାରୁ ଏହା ଆମ ଖାଦ୍ୟ ଟେବୁଲରେ ବଡ଼ ଜାଗାଟିଏ ନେଇଥାଏ। ରାସ୍ତାକଡ଼ର ଠେଲା ଗାଡ଼ିରୁ ବଡ଼ ବଡ଼ ରେଷ୍ଟୋରାଁରେ ଏହାର ଭାରି ଚାହିଦା। ନୁଡୁଲ୍ସ ଓ ଫ୍ରାଏଡ଼ରାଇସ ସହିତ ମେନୁ ତାଲିକାରେ



ଏହା ଥାଏ। କିନ୍ତୁ ଏହି ମାନଚ୍ୟୁରିଆନକୁ ରଙ୍ଗ କରିବା ପାଇଁ ଯେଉଁ ଫୁଡ କଲର ରହିଛି ଏଥିରେ ବି ରୋଡ଼ାମାଇନ-ବି ଓ କାର୍ମୋଇସିନ ପରି ରାସାୟନିକ ରଙ୍ଗ ଥିବାରୁ ଏହା କର୍କଟ ରୋଗର ବଡ଼ କାରକ। ଏହି ବିକ୍ରି ଉପରେ ନିକଟରେ କର୍ଣ୍ଣାଟକ ଓ ଗୋଆ ସରକାର ମଧ୍ୟ ନିଷେଦ୍ଧାଦେଶ ରଖିଛନ୍ତି। ଏଥିରେ କ୍ୟାଲୋରି, ସୋଡ଼ିୟମ ଓ ଫ୍ୟାଟର ମାତ୍ରା ଅଧିକ ଥିବାରୁ ଏହା ଲିଭର, ମୋଟାପଣ ଓ ଉଚ୍ଚରକ୍ତଚାପର କାରକ ପାଲଟିଥାଏ। ଏହା ପୂର୍ବରୁ ଆମେ ଚୁସକି କଥା ଉଲ୍ଲେଖ କରିଥିଲେ। ଲାଲ, ନୀଳ, ସବୁଜ, ହଳଦୀ ରଙ୍ଗର ବରଫ ଗୋଲା ମଧ୍ୟ ବେଶ ଖାଇବାକୁ ଭଲ ଲାଗେ। ରଙ୍ଗୀନ ବରଫ ଗୋଲାକୁ ଚୁସି ଚୁସି ଖିଆଯାଉଥିବାରୁ ଏହାର ନାମ ଚୁସକି। ତେବେ ଏହି ବରଫ ଗୋଲା ପ୍ରଥମତଃ ଅଧିକାଂଶ ଭାବେ ଦୂଷିତ ପାଣି ଓ ବିଷାକ୍ତ ମାନର ରଙ୍ଗୀନ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଝାଡ଼ା, ବାନ୍ତି, ତ୍ୱଚା ଆଲର୍ଜି ସହ ଦାନ୍ତ ପ୍ରତି ମଧ୍ୟ କ୍ଷତି ପହଞ୍ଚାଇଥାଏ। ଏହା ଦାନ୍ତରେ କ୍ୟାଭିଟ ମାତ୍ରାକୁ ବଢ଼ାଇଥାଏ ଏବଂ ଶରୀରର ଇମ୍ୟୁନିଟିକୁ ବ୍ୟବହାର କରିଥାଏ।

ସେହିପରି ମିଠା କଥା ଉଠିଲାମାତ୍ରେ ଅନେକଙ୍କ ପାଟିରୁ ଲାଳ ବୋହିଆସେ। ଆମ ମାନଙ୍କ ଖାଦ୍ୟ ତାଲିକାରେ ବା ଅତିଥି ଚର୍ଚ୍ଚା ହେଉ ବା ଉପହାର ନେବା ସମୟରେ ମିଠାକୁ ଗୁରୁତ୍ୱ ଦେଇଥାଉ। ଏହି ମିଠାରେ ଯେଉଁ ରଙ୍ଗ ମିଶ୍ରିତ ହୋଇଥାଏ ସେଗୁଡ଼ିକ ଭିତରେ ହଳଦିଆ ରଙ୍ଗ ପାଇଁ ମେଟାନିଲ ୟେଲୋ ରଙ୍ଗ, ସବୁଜ ରଙ୍ଗ ପାଇଁ ମ୍ୟାଲାକାଇନ ଗ୍ରୀନ, ଲାଲ ରଙ୍ଗ ପାଇଁ ସୁଡ଼ାନାଇଟର ରାସାୟନିକ ମାତ୍ରା ବ୍ୟବହାର କରାଯାଏ। ଏହି ସିନ୍ଥେଟିକ ଫୁଡ଼ କଲର ମିଠାକୁ ଆକର୍ଷଣୀୟ ଓ ରଙ୍ଗୀନ କରୁଥିଲେ ବି ସ୍ୱାସ୍ଥ୍ୟ ପାଇଁ ସ୍ଲୋ ପଏଜନ। ଏହା ପେଟ ସଂକ୍ରମଣ ସହ ଲିଭର ଓ କିଡ଼ନୀକୁ ଖରାପ କରିଦିଏ। ଆମେ ବିଷାକ୍ତ ଖାଦ୍ୟ ପ୍ରସଙ୍ଗରେ ଆଲୋଚନା କରୁଥିବାବେଳେ ଆସନ୍ତୁ କିଛି ମାରାତ୍ମକ ଅଥଚ ଆମ ଅଜାଣତରେ ବିଷ ଭରୁଥିବା ଫୁଡ କଲର ସମ୍ପର୍କରେ ଜାଣିବା। ସର୍ବପ୍ରଥମେ ରୋଡ଼ାମାଇନ-ବି ବିଷୟରେ ଜାଣନ୍ତୁ। ଏହାର ମୂଲ୍ୟ ଅତ୍ୟନ୍ତ ଶସ୍ତା ହୋଇଥିବାରୁ ଚମଡ଼ା, କାଗଜ ଓ ପ୍ରସାଧନ, ବସ୍ତ୍ର ଶିଳ୍ପରେ ରଙ୍ଗ ଭାବେ ବ୍ୟବହାର ନିମିତ୍ତ କେବଳ ଅନୁମତି ରହିଛି। ଖାଦ୍ୟ ବ୍ୟବସ୍ଥାରେ ଏହାକୁ ବ୍ୟବହାର ପାଇଁ ନିଷେଧାଦେଶ ରହିଥିଲେ ମଧ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଓ ଦୋକାନୀ ଏହାକୁ ବ୍ୟବହାର କରି ଆପଣଙ୍କ ଶରୀରରେ ଲିଭର ଓ କ୍ୟାନସର ରୋଗର କାରକ ସାଜିଥାନ୍ତି। ସେହିପରି ମେଡ଼ିସିନ ଓ କସମେଟିକ ଶିଳ୍ପ ପାଇଁ ଅନୁମତି ଥିବା ସନସେଟ ୟେଲୋକୁ ଖାଦ୍ୟ ପ୍ରସ୍ତୁତିରେ ମିଶାଯାଉଥିବାରୁ ଏହା ଆଜମା ଓ ସ୍କିନ ଆଲର୍ଜି ପାଇଁ ଦାୟୀ। ସେହିପରି କାର୍ମୋଇସିନ ଫୁଡ଼ କଲର ଦେଖିବାକୁ ପୁରାପୁରି ଲାଲ ରଙ୍ଗ। ଯାହାକୁ ଆଇଏଆରସି କ୍ୟାଟାଗୋରୀ ଥ୍ରି କାର୍ସିନୋଜୋନରେ ଶ୍ରେଣୀଭୁକ୍ତ କରିଛି। କିନ୍ତୁ ଏହା ଅନୁମତି ନଥାଇ ମଧ୍ୟ ଖାଦ୍ୟ ପ୍ରସ୍ତୁତିରେ ମିଶୁଥିବାରୁ ଏହା ଲିଭର, କିଡ଼ନୀ, ସ୍କିନ ଓ ଶ୍ୱାସଜନିତ ସମସ୍ୟାର କାରଣ ପାଲଟିଥାଏ। ଖାଦ୍ୟ, ମିଠାକୁ ହଳଦିଆ ରଙ୍ଗ ପାଇଁ ବେଶ ଆକର୍ଷଣୀୟ କରୁଥିବା ସିନ୍ଥେଟିକ ଫୁଡ କଲର ଟାର୍ଟାଜିନ୍ ବାସ୍ତବରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅନୁମୋଦିତ ନୁହଁ। କିନ୍ତୁ ଏହି କେମିକାଲ ଖାଦ୍ୟରେ ମିଶୁଥିବାରୁ ଏହା ଶରୀରର ହରମୋନ, ଥାଏରଡ଼ ଗ୍ରନ୍ଥି, ଆନଜିଓଡ଼ିମା, ଏକଜିମା, ବ୍ରୋଙ୍କାଇଟିସ ଓ ମୁଣ୍ଡବିନ୍ଧାର କାରଣ ହୋଇଥାଏ। ତେବେ ସବୁଠାରୁ ଜୀବନ ଘାତକ ହୋଇଥାଏ ଡ୍ରାଏ ଆଇସ୍। ବଜାରରେ ଏବେ ଏକ ଖାଦ୍ୟ ବା ମୃଦୁ ପାନୀୟ ଯାହା ଭିତରୁ ଏକ ଧଳା ଧୂଆଁ ଉଠିଥାଏ। କେବଳ ପିଲାମାନଙ୍କୁ ନୁହେଁ ବଡ଼ ଲୋକମାନଙ୍କୁ ମଧ୍ୟ ଏହା ଅତ୍ୟନ୍ତ ଆକର୍ଷିତ କରିଥାଏ। ତେବେ ଏହି ଡ୍ରାଏ ଆଇସ ବା ଶୁଖିଲା ବରଫ ହେଉଛି ବାସ୍ତବରେ କାର୍ବନ ଡାଇଅକ୍ସାଇଡ଼ର ଏକ ଭିନ୍ନ ରୂପ ଯାହା କଠିନ ସ୍ତରରେ ଥାଏ। ବିଯୁକ୍ତ ୮୦ଡିଗ୍ରୀ ତାପମାତ୍ରାରେ ଥିବା ଏହି ଡ୍ରାଏ ଆଇସ ସାଧାରଣ ବରଫ ତୁଳନାରେ ପାଖାପାଖି ୪୦ଗୁଣ ଅଧିକ ଥଣ୍ଡା। ବରଫ ପାଟିକୁ ଗଲେ ତରଳି ଯାଇଥାଏ କିନ୍ତୁ ଏହା ତରଳିଲେ ସିଧା କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ ନିର୍ଗତ କରୁଥିବାରୁ ଧୂଆଁ ଭାବେ ବାହାରକୁ ଦିଶେ କିନ୍ତୁ ବାସ୍ତବ କଥା ହେଉଛି ଫଟୋସୁଟ, ଥିଏଟର ଓ ମେଡ଼ିକାଲ ଜିନିଷ ସଂରକ୍ଷିତ ରଖିବା ପାଇଁ ଏହି ରାସାୟନିକ ପଦାର୍ଥଟି ଜଣେ ଯଦି ହାତରେ ସ୍ୱର୍ଶ କରିବ ଏହା ହାତକୁ ଜଳାଇ ଦେବାର କ୍ଷମତା ରଖିଛି। ଏହା ଫୁସଫୁସ ପାଇଁ କ୍ଷତିକାରକ ଓ ପେଟ ଯନ୍ତ୍ରଣା, ବାନ୍ତି ସହ ଏହି ଧୂଆଁ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରି ସ୍ୱାସ୍ଥ୍ୟକୁ ଖୁବ କମ ସମୟ ଭିତରେ ବିଗାଡ଼ି ଦେବାର କ୍ଷମତା ରଖିଛି।

ନିକଟରେ ବିଦେଶରେ ଭାରତୀୟ ମସଲାକୁ ନେଇ ବିବାଦ ଜୋର ଧରିଛି। ଭାରତର କେତୋଟି ପ୍ରମୁଖ କମ୍ପାନୀର ମସଲାରେ ଏଥିଲିନି ଅକ୍ସାଇଡ଼ ନାମକ ରାସାୟନିକ ପଦାର୍ଥ ମିଶିଥିବା ଅଭିଯୋଗ ପରେ ଏ ନେଇ ସରକାରୀ ସ୍ତରରେ ଖୋଳତାଡ଼ ମଧ୍ୟ ଆରମ୍ଭ ହୋଇଯାଇଛି। ଏପରି ଅନେକ ରଙ୍ଗୀନ ଖାଇବାର ବିଷଜାଲ ଯାହାକୁ ଆମେ ସଚେତନ ହୋଇ ମଧ୍ୟ ଜାଣିକି ବି ବ୍ୟବହାର କରୁଛେ ଓ ନିଶ୍ଚିନ୍ତ ସ୍ୱାସ୍ଥ୍ୟ ବିଗାଡ଼ିବା ବ୍ୟବସ୍ଥାକୁ ନିମନ୍ତ୍ରଣ କରୁଛେ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ମୂଲ୍ୟବାନ ସ୍ୱାସ୍ଥ୍ୟକୁ ବିଗାଡ଼ିବା ପାଇଁ ଏହିପରି କିଛି ପାଟି ଲାଳସା ରଙ୍ଗୀନ ଖାଦ୍ୟର ମାୟାଜାଲରେ ନ ପଡ଼ି ନୀରୋଗ ସ୍ୱାସ୍ଥ୍ୟ ନିର୍ବାହ କରିବା ପାଇଁ ସର୍ବଦା ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ସବୁଜ ପନିପରିବା, ତଟକା ଫଳ, ବିଶୁଦ୍ଧ ଜଳ ଏସବୁ ଗ୍ରହଣ କରନ୍ତୁ। ଦେଖିବେ ଆପଣ ଏକ ଦିବ୍ୟ ନୀରୋଗ ସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩, E-mail : drprafulldas007@gmail.com

# ଯମପୁରକୁ ରାସ୍ତା

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ରୋମୀୟ ମାନଙ୍କର ବିଶ୍ୱାସ ଯେ ସବୁ ରାସ୍ତା ରୋମକୁ ପଡ଼ିଛି। ଆମର ଶାସ୍ତ୍ର କହୁଛି ଦୃଶ୍ୟା ଦୃଶ୍ୟ ଅନେକ ରାସ୍ତା ଅଛି। ଏ ମଧ୍ୟରୁ ବହୁ ରାସ୍ତା ଉପଯୁକ୍ତ ଜ୍ଞାନ ଉପଦେଶରେ ନ ଚାଲିଲେ ତାହା ଯମପୁର ଆଡୁ ଲମ୍ବୀ ଯାଇଛି। ଗୁରୁ ଗୁରୁଜନଙ୍କ ତାଡ଼ନା ଉପଦେଶ ଯମପୁରୁ ଯିବା ରାସ୍ତାରୁ ଦୂରେଇ ଦିଏ। ଅନେକ ବାଣୀ ବ୍ୟକ୍ତିଙ୍କୁ ଖଙ୍ଗୁସ ଲାଗେ। ବେପରୁଆ ମାନଙ୍କ ପାଇଁ ରାସ୍ତାରେ ବାଙ୍କ ନାହିଁ, ଛକ ନାହିଁ, ଚିନ୍ତନ ପଡ଼େ। ହେଲେ ସବୁରାସ୍ତାରେ ବାଙ୍କ ଛକ ଅଛି ବୋଲି ଯାନରେ ହେଣ୍ଡଲ ବ୍ରେକ ଟ୍ରାଫିକ ନିୟମ ରହିଛି। ତିନିଜଣ ମଦତି, ମଦ୍ୟପାୟୀ ବ୍ୟକ୍ତି ସବୁଙ୍କର ସଭା ଅଛି। ଅତିକମରେ ତିନିଜଣରେ ସଭାଟିଏ ହୋଇପାରେ। ଦୁଇଜଣରେ କାଣ୍ଡ ଘଟିପାରେ। ବ୍ରାହ୍ମଣ ତ୍ରୟମ୍ ମନା କରାଯାଇଛି ତାର କାରଣ ଏକ ଘଟଣାକୁ ମତାନ୍ତର କଲେ କଳି ଉପୁଜିବାରେ ଲାଗେ। ଦ୍ୱୟ ବା ଚତୁଃ ବା ତତୋଧିକ ବ୍ରାହ୍ମଣରେ ପୂଜା ପାର୍ବଣ ଯଜ୍ଞ ଶ୍ରାଦ୍ଧ ସହଜରେ ହେଉଛି। ସେମିତି ସବୁ ମାଷ୍ଟରରେ ଅପେରା ପାର୍ଟି କେବେ ମଞ୍ଚସ୍ଥ ନାଟକ କେବେ ସର୍ବାଙ୍ଗ ସୁନ୍ଦର ହୋଇନପାରେ। ଅତଏବ ଏ ବିଧାନ ସର୍ବଦା ଅନୁସୃତ ହେବା କଥା ଯୁଆଡ଼ି ନିଶାଡ଼ି ମଦତି ଏମାନେ ଏକ ଗୋଷ୍ଠୀରେ ଆସିଗଲେ କଳି ହୋଇ ସାଂଘାତିକ ଅବସ୍ଥା ଉପୁଜିଥାଏ। ଏକ ନାରୀ ଧନ, ଜମିଜମା ଆଦିରେ ଲୋଭ ହୋଇ ଜିଗିରି ଦୋସ୍ତ ବି ଶତୃତା ପ୍ରାଣ ହାନି ଅବସ୍ତା ହୋଇଥାଏ। ଏମିତି ତିନିଜଣ ଘୋଡ଼ା ମଦୁଆ ସେ ପୁଣି ଘୋଡ଼ାରେ ଦ୍ୱାରାନ୍ତ ଯାତ୍ରୀ ଯାତ୍ରା ପଥ ଅତିକ୍ରାନ୍ତ କରୁଥିଲେ ଖେୟାଲ ପଶିଗଲା, ଜୀବନ କେତେ ସୁନ୍ଦର ଏ ଜୀବନ ଦିନେ ଚାଲିଯିବ, ଏ ଜୀବନ ହାନିର କାରଣ ହେଉଛନ୍ତି 'ଯମ' ଯଦି ଯମ ଠିକଣା ଖୋଜି ତାଙ୍କୁ ଖତମ କରି ଦିଆଯାଆନ୍ତା। ତେବେ ଜୀବନ ସାରା ଅୟସ କରି କରି କଟାଯାଇ ପାରନ୍ତା। ଯମ ମାରଣ ଅଭିଯାନ ତିନି ମଦ୍ୟପ ଯୁବକ ଘୋଡ଼ାରେ ଆସି ହସ୍ତା ହୋଇ ନିଶାରେ ଚୁର ଟାଇ ଯମ ଖୋଜାରେ ରାଜପଥରେ କଳିକଳା ନାଦ କରି ଧାବିତ ଲୋକ ଏମାନଙ୍କର ରୂପ ହାତର ଅସ୍ତ୍ର ଦେଖି ଦୂରରୁ ବାଟ କାଟୁଛନ୍ତି କିନ୍ତୁ ସମସ୍ତେ ସ୍ୱାଭାବିକ ଗତିରେ ନଥାନ୍ତି ଅତିବୃଦ୍ଧି ଲେଙ୍ଗଡ଼ା ଅନ୍ଧ ଜଟିଳ ରୋଗୀ ଏମାନେ ସ୍ୱଭାବିକ ଚାଲିବ ସମ୍ଭବ ନୁହଁ। ଏ କିଳିକିଳା ରଡ଼ିକୁ ଘୋଡ଼ା ଝପଟା ବେଗରେ ସେମାନେ ମନ୍ଥର ପାରି ହେବା ବେଳେ ଏମାନଙ୍କ ମୁଣ୍ଡରେ ଆସେ ଦେଖ ଏମାନଙ୍କୁ କପରି ଯମଯନ୍ତ୍ରଣ ଦେଉଛି। ଆମକୁ ଏମିତି କରାଇପାରେ ନା ଆଉ ନୁହଁ ତାର ସବୁ ଦିଗକୁ ଆମର ଆଜ ଦିନଯାତ୍ରା ଚାଲିଛି। ପାର୍ଟି ଚାଲିଛି ରେ ରେ ଯଜମ ଲଲକାର ଚାଲିଛି। ଏମିତି ବେଳେ ଜଣେ ଅତିବୃଦ୍ଧ ବାଡ଼ିଧରି ନଇଁ ନଇଁ ରାସ୍ତା ଅତିକ୍ରମ କଲାବେଳେ ଏ ତିନିଙ୍କର ଦୃଷ୍ଟିରେ ଆସିଗଲେ। ଏମାନେ ଘୋଡ଼ା ଅଟକାଇ ସେ ବୃଦ୍ଧକୁ ପଚାରିଲେ ହେ ବୁଢ଼ା କହତ ଦେଖି ତୁ ଯମକୁ ଦେଖିଛୁ ବୁଢ଼ା ଜାଣିଲା ଏମାନେ ଉଦଭ୍ରାନ୍ତ ମଦ୍ୟପ ଅସ୍ତ୍ରଧାରୀ ଯୁବକ ଏମାନଙ୍କର ସପକ୍ଷ କଥା ନକହିଲେ ପ୍ରାଣ ସଂଶୟ ହୋଇପାରେ, ଅଥଚ ରକ୍ଷା ପାଇବା ପାଇଁ ଏକ ଦୂରପଥର ଠିକଣା କହି ଖସିଯିବା ଭଲ। ବୁଢ଼ା କହିଲେ ମହାଭାଗ ବାବୁମାନେ ମୁଁ ଦେଖି ଆସିଲି ମୋର ପଛପଟ ପଥରେ ବହୁ ଦୂରରେ ଏକ ଆମ୍ବତୋଟା ଅଛି ସେଠାରେ ଯମ ତାଙ୍କର ପାରିଷଦଙ୍କ ସହିତ ବସି କଣ ଆଲୋଚନା କରୁଛନ୍ତି। ହଉରେ ବୁଢ଼ା ଆମେ ଯାଉଛୁ ଯମକୁ ମାରିବାକୁ ତୁ ଏ ଯମର ହାନିରେ ମରଣ ଚିନ୍ତାରୁ ନିଶ୍ଚେ ମୁକ୍ତ ହେବୁ ଆମେ ତେବେ ଆସୁଛି।

ମାର୍ଗୀ ହେଲେ ମଦ୍ୟପ ତ୍ରୟ ବୃଦ୍ଧ ଦର୍ଶିତ ପଥରେ କିଛି ବାଟ ଯାଇ ଆମ୍ବତୋଟାରେ ପହଞ୍ଚିଲେ। ସେତେବେଳେ ଅଶ୍ୱାରୋହୀ ପୋଲିଶ ଅପରାଧି ନିୟନ୍ତ୍ରଣ ଶାନ୍ତିରକ୍ଷା ପାଇଁ ସେ ଆମ୍ବତୋଟାରେ ଏକ ଡକାୟତି ଗ୍ୟାଙ୍ଗ ଏକାନ୍ତ ମନେକରି ଲୁଣ୍ଠିତ ଧନ ଅଳଙ୍କାର ସୁନା ଗଦାକରି ନିଜ ନିଜ ମଧ୍ୟରେ ବାଣ୍ଟିନେବା ପାଇଁ ମସୁଧା ଚଳାଇବା ପାଇଁ ମସୁଧା କଲାବେଳେ ଘୋଡ଼ା ଟାପୁ ଶବ୍ଦରେ ସେ ସ୍ଥାନ ଛାଡ଼ି ପଳାଇଲେ ମାତ୍ର ଲୁଣ୍ଠିତ ଦ୍ରବ୍ୟ ସେଠାରେ ପଡ଼ିରହିଗଲା। ଏ ମଦ୍ୟପ ବାପୁଡ଼ା ମାନେ ଧନ ଦେଖି ଭେଲ ହେଲେ ଧନକୁ କେମିତି ଭୋଗ କରିବେ ଏଇ ଭାବନାରେ ଆସିଗଲେ। ବେଳକୁ ବେଳ ଧନତୃଷ୍ଣା ବଢ଼ିଲା ତେବେ ଆହୁରି ପାନ କରି ଏ ଧନକୁ ତିନି ଜଣ ବାଣ୍ଟିବା ଭାବନାରେ ଆସିଗଲେ। ପ୍ରଥମେ ଆହୁରୀ କିଛି ପିଇବା ଆବଶ୍ୟକ ଗଡ଼ା ବିଲାତି ମାଲ ପିଇବା ଆବଶ୍ୟକ। ଧୃତ ପଇସାରେ ଏକ ମୋଟ ଭାଗକୁ ଏକ ଜଣ ଅଂଶିଦାରକୁ ଦେଇ ବଜାରରୁ ମାଲ ପାଇଁ ପଠାଇ ଆଉ ଦୁଇଜଣ ଧନ ଜଗି ରହିଲେ। ଯେ ଜଗିରହିଲେ ମୁଣ୍ଡ ଆସିଲା ଏ ଧନ ତିନିଭାଗ ନକରି ଏଇ ଦୁଇଜଣ ନିଜ ଭିତରେ ବାଣ୍ଟିନେଲେ ଅଧିକ ଧନ ଭାଗ ମିଳିଯାଆନ୍ତା। ଅତଏବ ଚିନ୍ତାର ଶେଷ ପରିଣତି ତାଙ୍କର ଶେଷ ପରିଣତି ହେଲା ସେ ମଦ୍ୟ ନେଇ ଆସିଲେ ତିନିପାତ୍ର ପରସ୍ପର ସ୍ୱର୍ଶ କରି ପାନ ପରେ ତାକୁ ଖଣ୍ଡା ଭୁଷି ମାରିଦେଇ ଭାଗ ଦ୍ୱିଭାଗ କରି ନେବେ। ଯେ ବଜାର ଯାଇଥିଲା ତା ମୁଣ୍ଡକୁ ଆସିଲା ମୁଁ ଏ ଧନର ଏକା ଅଧିକାରୀ କାହିଁକି ହୋଇପାରିବି ନାହିଁ। ଏ ପାଇଁ ଛଳନାରେ ସେ ଦୁଇଜଣଙ୍କ ମଦରେ ବିଷ ମିଶାଇ ଦେଇ ତାଙ୍କୁ ଅନ୍ତଃ କରିବା ବୁଦ୍ଧି ପ୍ରକଟ ହେଲା। ପର ଅବସ୍ଥାରେ ମଦ୍ୟପାନ କରିବାରେ ବିଷାକ୍ତ ମଦ୍ୟ ପ୍ରକ୍ରିୟାରେ ଦୁଇଜଣ ଖଣ୍ଡା ଭୂଷାରେ ଏକ ଜଣ ସେଠାରେ ଟଳି ପଡ଼ିଥିଲେ। ଅତଏବ ଏମାନେ ଯଥାର୍ଥରେ ସେମାନେ ଯମ ପଥରେ ଆସି ଯମଙ୍କୁ ହିଁ ଭେଟିଥିଲେ। କପଟ ଗୋଷ୍ଠୀ ଜୀବନରେ ଜଣେ କରିଲେ ଅନ୍ୟମାନେ ହିଁ ତାହା କରିବାରୁ କ୍ଷାନ୍ତ ନଥିବେ ଏହା ସବୁବେଳେ ବୁଝିବା ଦରକାର ଏହାହିଁ ଯମ ପଥର ଯାତ୍ରା।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଜ୍ୟୋତିଷୀ କେବଳ ଜ୍ୟୋତିଷୀ ବିଦ୍ୟାଧର ନୁହଁନ୍ତି

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବିଦ୍ୟାଧାରଣ କରିଥିବା ବ୍ୟକ୍ତି ହିଁ ବିଦ୍ୟାଧର ମାତ୍ର ଏକ ବିଦ୍ୟାରେ ବ୍ରତୀ ମାତ୍ର ଅନ୍ୟ ବିଦ୍ୟା ଏହା ମଧ୍ୟରେ ଏକ ବିଶେଷ ଅଧ୍ୟାୟରେ ପ୍ରାସଙ୍ଗିକ ହୋଇଥାଏ। ଅନେକ ସନ୍ନ୍ୟାସୀଙ୍କୁ ରୋଗର ଆରୋଗ୍ୟକାରୀ ଉପାୟ ପଚାରନ୍ତି। ଅନେକ ହାତ ଦେଖାଇ ସ୍ୱ ଭବିଷ୍ୟତ ଜାଣିବାକୁ ଉତ୍ସୁକ ହୋଇଥାନ୍ତି। ଅନେକ ସଂସାର ତ୍ୟାଗୀଙ୍କୁ କେହି କାହାର ସାଂସାରିକ ସମସ୍ୟା କଥା ପଚାରନ୍ତି ଏ ଏକ ନିତ୍ୟ କଥା। ସେପରି କୌଣସି ଚିକିତ୍ସକଙ୍କୁ କେହି କେହି ସେ ଜାଣିଥିବା ବା କୌଣସି ରୋଗର ଅଭିଜ୍ଞ ଥିଲେ ବି ଭିନ୍ନ ରୋଗ ସମ୍ବନ୍ଧରେ କିଛି ପରାମର୍ଶ ଲୋଡ଼ନ୍ତି। ହଁ ତାଙ୍କର ମୌଳିକ ଜ୍ଞାନରେ ଏ ସମ୍ବନ୍ଧରେ ସାମ୍ୟକ ମତ ସେ ଦେଇଥାନ୍ତି ମାତ୍ର ବିଶେଷ ଜ୍ଞାନ ପାଇଁ ଉଦ୍ଦିଷ୍ଟ ବିଭାଗ ଚିକିତ୍ସକଙ୍କ ପରାମର୍ଶ ପାଇଁ ମତ ଦିଅନ୍ତି ମାତ୍ର ଏମିତି କଥା ଅଛି ବିଛା ମନ୍ତ୍ର ନଜାଣି ଅନେକ ସାପ ଗଡ଼ରେ ହାତ ପୁରାନ୍ତି।

ଅନେକ ନିର୍ମାଣ ସ୍ଥପତି ନିର୍ମାଣଟି ନିର୍ମାଣର ମୌଳିକ ସ୍ତର ଦ୍ରବ୍ୟାଦିକୁ ତଦନ୍ତ କରି ନିର୍ମାଣ ତ୍ରୁଟି କେତେ ସମୟ ରହିପାରେ କହି ପାରନ୍ତି। ରୋଗୀର ଅବସ୍ଥା ବୁଝି ଡାକ୍ତର ଅଭିଜ୍ଞ ଥିଲେ ରୋଗୀର ପ୍ରାଣ ସଂକଟ ହେବାକୁ ଯାଉଛି କହିପାରନ୍ତି। କୌଣସି ପରୀକ୍ଷା ରୋଗୀର କିଛି ବ୍ୟତିକ୍ରମରେ କେଉଁ ରୋଗ ଧରିଛି କି ଭୋଗ ହେଉଛି ତାହା କହିପାରୁଛନ୍ତି। ପିଲାଟି ମନଯୋଗ ସହ ପଢୁନାହିଁ ଶ୍ରେଣୀ ପ୍ରଶ୍ନର ଉତ୍ତର ସଠିକ ଦେଇପାରୁ ନାହିଁ ଏ କ୍ଷେତ୍ରରେ ପିଲାଟି ଯେ ଶେଷ ପରୀକ୍ଷାରେ ଅସଫଳ ହେବ ଏହା ଶିକ୍ଷକ କହିପାରୁଛନ୍ତି। ବର କନ୍ୟାଙ୍କର ବିବାହ ଧୁମଧାମରେ ହେଉଛି ଏଥିରେ ସ୍ୱାମୀଟି ଭଲ ହେବ କି ସ୍ତ୍ରୀଟି ଭଲ ହେବ ବିବାହ ଦେଖାଣାହାରୀରେ ଅଭିଜ୍ଞମାନେ ଠାରଠୁରା କଥା ହୁଅନ୍ତି। ଭାତ ଫୁଟିଲେ ବାସ୍ନା ଜାଣି ଭାତ ହୋଇଗଲାଣି ଅଭିଜ୍ଞ ସ୍ତ୍ରୀ ଲୋକମାନେ କହିଥାନ୍ତି। ବାୟୁର ଗତି ଆଗାମୀ ପାଣିପାଗ କଣ ହେବ ଏକଥା ଅଭିଜ୍ଞ ପୁରୁଖାମାନେ କହି ଦେଇଥାନ୍ତି। ପ୍ରକୃତରେ ତାହା ହିଁ ଘଟେ। ପଶୁପକ୍ଷୀଙ୍କ ଚେଷ୍ଟାରୁ ଆଗାମୀ ସମୟରେ କଣ ଘଟିବ ଏକଥା ଅନେକ ସଠିକ ମନ୍ତବ୍ୟ ଦିଅନ୍ତି। ଏମିତି ରସାୟନବିତ ମାନେ ରସାୟନ ପ୍ରସ୍ତୁତ ସଠିକ ହୋଇଗଲାଣି ନାହିଁ ରଙ୍ଗ ଗନ୍ଧ ଓ ତାର ବିଭିନ୍ନ ପରୀକ୍ଷା ପ୍ରତିକ୍ରିୟାରୁ କହିଥାନ୍ତି ଯାହା ସଠିକ। ଗର୍ଭବତୀ ସ୍ତ୍ରୀର ମନର ଭାବ ତତ୍କାଳ ଅନେକ ଚେଷ୍ଟା ଆକାଂକ୍ଷାରୁ ଅଭିଜ୍ଞ ସ୍ତ୍ରୀଲୋକ ମାନେ ସେ ସ୍ତ୍ରୀ ପୁଅ କି ଝିଅ ହେବ କହିପାରନ୍ତି। କାଶିଆ କପିଳା କାହାଣୀରେ ଅଛି। କାଶିଆ ଦୂରରୁ ଦେଖିଲା କପିଳା ନିଘୋଡ଼ ନିଦରେ ଶୟନ କରିଥିବା ବେଳେ ଏକ ନାଗ ତାର ମୁଣ୍ଡ ଉପରେ ଫଣା ଟେକି ରହିଥିଲା ସେଥିରେ ସେ କପିଳାକୁ ଡାକି କହିଲା ଆରେ ତୁ ରାଜା ହେବୁରେ ରାଜା ହେବୁ ସତକୁ ସତ କପିଳା ହୋଇଥିଲା କପିଳେନ୍ଦ୍ରଦେବ। ମେରୀ ମ୍ୟାଡ଼ାମ କ୍ୟୁରୀଙ୍କ ପିଲାବେଳେ ଏକ ବୁଢ଼ୀ ତାଙ୍କ ହାତ ଦେଖି କହିଥିଲା ମେରୀ ରାଣୀ ହେବ, ସମୟ ଆସିଲା ମ୍ୟାଡ଼ାମ କ୍ୟୁରୀ ରେଡ଼ିୟମ ସଂନ୍ଧାନୀ ହୋଇ ଜଗତ ହିତରେ କାମରେ ଲଗାଇଲେ ସେ ଏଥିରେ ରାଣୀ ହେଲେ ନାହିଁ କି ? ଅନେକ ଏପରି ଶକୁନ ଦେଖି କହିଥାନ୍ତି। ପ୍ରକୃତରେ ଏମାନେ ଜ୍ୟୋତି ଶାସ୍ତ୍ର ବିଧି ପଢ଼ି ନଥାନ୍ତି କି ସେପରି ଅଧ୍ୟବସାୟୀ ନୁହନ୍ତି। ମାତ୍ର ଏକ ବିଦ୍ୟାରେ ବ୍ରତୀ ଏମିତି ଅନ୍ୟ ଶାଖା ନିଖୁଣ ଭାବରେ ପ୍ରକାଶ କରିଥାନ୍ତି। ହୀରାକୁଦ ବନ୍ଧ ଏକ ଆଶ୍ଚର୍ଯ୍ୟ ଏହାର ନିର୍ମାତା ଓ ଭାରପ୍ରାପ୍ତ ଇଞ୍ଜିନିୟରମାନେ ବନ୍ଧର ଭବିଷ୍ୟତ ମରାମତି ବାରମ୍ବାର କରିବାକୁ ମତ ଦିଅନ୍ତି ହେଲେ ମାଟି ସିମେଣ୍ଟ କଂକ୍ରିଟ ଗୋଡ଼ି କେତେ ଦିନରେ ପରସ୍ପର ସହାୟକ ହୋଇପାରିବ ସମ୍ଭବ ହେବନାହିଁ ଏହା ଆରମ୍ଭ କଲାବେଳେ ଆନୁମାନିକ ସ୍ତରରେ ସ୍ଥୁଳତଃ ଧରି କହିଥିବେ ବିଚାର କଲେ ଧ୍ରୁବ ସତ୍ୟରେ ଯଦି ଅଛି ଜନ୍ମଜାତର ନିଶ୍ଚେ ମୃତ୍ୟୁ ତେବେ ଦେଶର କର୍ଣ୍ଣଧାରମାନେ କଣ ଭବିଷ୍ୟତ ବଂଶଧରଙ୍କ ପାଇଁ ଢ଼ିଲା ମାରିବା ଉଚିତ କି ? ଲେଖାଅଛି କଳିଯୁଗ ଶେଷ ବେଳକୁ ଗଙ୍ଗା ନଦୀରେ ଜଳ ଉପରୁ ତଳକୁ ଆଉ ଆସିବ ନାହିଁ। ଅନେକ ନଦୀ ଏବେ ନାମରେ ଅଛି ମାତ୍ର ଟିକେ ବି ଜଳନାହିଁ କି ଜଳ ପ୍ରବାହ ନାହିଁ। ଦୂରକୁ ଯାଆନ୍ତୁ ନାହିଁ ବୋଇତ ଚାଲୁଥିବା ଅଳକା ପ୍ରାଚୀ ଏବେ ଶୁଖା ଖଡ଼ଖଡ଼। ଆସ୍ତେ ଆସ୍ତେ ମହାନଦୀ ତଳମୁଣ୍ଡ ଶୁଷ୍କ ଦିଗକୁ ଚାଲିଲାଣି। ଅନେକ ଆନିକଟ ବନ୍ଧ କରିବା ବଡ଼ ବଡ଼ କଳ କାରଖାନାକୁ ଜଳ ନଦୀରୁ ଜଳ ଟଣାଯାଉଛି ଏଥିରେ ତଳମୁଣ୍ଡକୁ ପାଣି ଗଡ଼ିବ କିପରି ? ବର୍ଣ୍ଣଶଙ୍କର ମନୁଷ୍ୟ ଫଳମୂଳ ଫୁଲ ସବୁ ହେବାକୁ ଲାଗିଲାଣି। ଗୀତାରେ ବର୍ଣ୍ଣଶଙ୍କର ଜାତ ଲେଖାଥିଲା। ଏବେ ଏହା ଦେହ ସୁହା। ସନ୍ତାନ ପାଇଁ ଶୁକ୍ର ବା ଡିମ୍ବ ଡ଼ୋନର ଏବେ ଦରକାର। ତେବେ ପୂର୍ବର ନିୟୋଗ ପ୍ରଥା ଅବୈଧ ପଦ୍ଧତି ଜାରଜ ସନ୍ତାନ ଏବେ ରୂପାନ୍ତର ହୋଇ ଚାଲିଲାଣି। ଏସବୁ ଯେଉଁମାନେ ବୟାନ କରିଥିଲେ ସେମାନେ କେତେ ବଡ଼ ଭବିଷ୍ୟତ ବ୍ୟକ୍ତା କଣ ବୁଝିବା କଷ୍ଟ ହେଉଛି କି ? ଜ୍ୟୋତିଷୀ ନ ହୋଇ ଏମିତି ଅନେକ ଜ୍ୟୋତିଷୀ ପରି ଭବିଷ୍ୟତ ବକ୍ତା ଥିଲେ ଓ ଆଗକୁ ବି ଆସିବେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ଦୂରଭାଷ : ୯୪୩୭୦୩୧୨୫୩

# ପରାଜୟ ପରେ କଠୋର ହେଲା ବିସିସିଆଇ



ମୁମ୍ବାଇ,୧୪।୧: ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ୧-୩ରେ ସିରିଜ ପରାସ୍ତ ହେବା ପରେ ବିସିସିଆଇ କ୍ରିକେଟର ଓ ସେମାନଙ୍କ ପରିବାର ପାଇଁ କଠୋର ନିୟମ ଜାରି କରିଛି।

ସ୍ପୋର୍ଟ୍ସ ନାଓ ଚ୍ୟାନେଲ ଅନୁଯାୟୀ, ନିକଟରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ବିସିସିଆଇ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଉପରେ ଆଲୋଚନା କରିଛି, ଯାହାର ଉଦ୍ଦେଶ୍ୟ ହେଉଛି ଖରାପ ପ୍ରଦର୍ଶନର ସମାଧାନ କରିବା ଏବଂ ଦଳରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ଫେରାଇ ଆଣିବା।

ଆଲୋଚନା ପରେ ବିଦେଶ ଗସ୍ତ ସମୟରେ ଖେଳାଳିଙ୍କ ପରିବାରର ରହିବା ଉପରେ କଟକଣା ଜାରି କରାଯାଇଛି। ୪୫ ଦିନ କିମ୍ବା ତାଠାରୁ ଅଧିକ ସମୟ ଧରି ଚାଲିବାକୁ ଥିବା ଗସ୍ତ ସମୟରେ କ୍ରିକେଟରଙ୍କ ପତ୍ନୀ ଓ ପରିବାରକୁ ସର୍ବାଧିକ ୧୪ ଦିନ ସାଥିରେ ରହିବାକୁ ଅନୁମତି ମିଳିବ। ବର୍ଡର-ଗାଭାସ୍କର ଟ୍ରଫିରେ ବିରାଟ କୋହଲି ଓ କେଏଲ ରାହୁଲଙ୍କ ସମେତ ଅନେକ କ୍ରିକେଟରଙ୍କ ଜୀବନସାଥୀଙ୍କ ଉପସ୍ଥିତି ଦୃଷ୍ଟି ଆକର୍ଷଣ କରିବା ପରେ ଏହି ପରିବର୍ତ୍ତନ କରାଯାଇଛି।

ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ବିସିସିଆଇ ସମସ୍ତ ଖେଳାଳିଙ୍କୁ ଗସ୍ତ ସମୟରେ କେବଳ ଟିମ୍ ବସରେ ଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଛି। ନିକଟରେ ବିରାଟ କୋହଲିଙ୍କ ଭଳି ବରିଷ୍ଠ ଖେଳାଳିମାନେ ଅଲଗା ଅଲଗା ଯାତ୍ରା କରୁଥିବା ଜଣାପଡିଥିଲା। ସୂଚନା ଅନୁଯାୟୀ, ଦଳ ମଧ୍ୟରେ ଅଧିକ ଏକତା ଏବଂ ଦଳଗତ ଭାବନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।

ଭାରତୀୟ କ୍ରିକେଟ୍ ଦଳର ସପୋର୍ଟ ଷ୍ଟାଫଙ୍କ କାର୍ଯ୍ୟକାଳ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁଯାୟୀ, ବିସିସିଆଇ ସପୋର୍ଟ ଷ୍ଟାଫ୍ ଚୁକ୍ତିକୁ ସର୍ବାଧିକ ୩ ବର୍ଷ ମଧ୍ୟରେ ସୀମିତ ରଖିବାକୁ ନିଷ୍ପତ୍ତି ନେଇଛି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆଠାରୁ କ୍ରମାଗତ ଟେଷ୍ଟ ସିରିଜ୍ ହାରିବା ପରେ ଅଭିଷେକ ନାୟାର, ମର୍ନେ ମୋର୍କେଲ ଓ ରିଆନ୍ ଟେନ୍ ଡୋସ୍‌ଚାଟେଙ୍କ ସମେତ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ତାଙ୍କ ସମର୍ଥକ ଦଳର ପ୍ରଦର୍ଶନକୁ ସମାଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗତବର୍ଷ ଜୁଲାଇ ୯ରେ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଥିବା ଗମ୍ଭୀରଙ୍କ ପାଖରେ ବର୍ତ୍ତମାନ ୨୦୨୭ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚୁକ୍ତି ରହିଛି।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଉଦ୍‌ଯାପିତ




ଢେଙ୍କାନାଳ,୧୪।୧ :ଢେଙ୍କାନାଳ ସହର ମଧ୍ୟରେ ଥିବା ନୂଆପୋଖରୀସ୍ଥିତ ଇନ୍‌ଡୋର ହଲ୍‌ଠାରେ ଦିନିକିଆ ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଅଛି । ସକାଳ ୧୦ ଘଟିକାରେ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଜିଲ୍ଲା ଉପ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ମିଶ୍ର, ଧରିତ୍ରୀର ବରିଷ୍ଠ ସାମ୍ବାଦିକ ରତନ ନାୟାର, ନନ୍ଦିଘୋଷ ଟିଭିର ଜିଲ୍ଲା ପ୍ରତିନିଧି ତଥା ଜିଲ୍ଲା ସାମ୍ବାଦିକ ସଂଘର ସଂପାଦକ ସତ୍ୟ ସ୍ୱରୂପ ଦାସ, ଯୁବ ଉଦ୍ୟୋଗୀ ସୁଶାନ୍ତ କୁମାର ସାହୁ ଏବଂ ଯୁବ ଉଦ୍ୟୋଗୀ ଶାରଦା ପ୍ରସନ୍ନ ହୋତା ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ବିଭିନ୍ନ ବ୍ଲକ୍‌ରୁ ୩୨ଟି ଦଳ ଭାଗ ନେଇଥିଲେ । ଫାଇନାଲ୍ ମ୍ୟାଚ୍‌ରେ ପ୍ରମୋଦ କୁମାର ସିଂହ ଏବଂ ବ୍ରିଜେଶ ମିଶ୍ର ଚମ୍ପିୟାନ୍ ହୋଇଥିଲାବେଳେ ଧର୍ମେନ୍ଦ୍ର ମହାପାତ୍ର ଏବଂ ଦେବାଶିଷ ମହାରଣା ରନର୍ସ-ଅପ୍ ହୋଇଥିଲେ । ଆଜି ଏହି ଅବସରରେ ଭେଟେରାନ୍ ବିଭାଗରେ ସାରା ରାଜ୍ୟରେ ବହୁବାର ପ୍ରତିଯୋଗିତାରେ ଚମ୍ପିୟାନ୍ ହୋଇଥିବା ଏବଂ ଏହି ବିଭାଗରେ ରାଜ୍ୟର ୧ନଂ ଖେଳାଳୀ ଧର୍ମେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ବାର୍ ଆସୋସିଏସନ୍ ସଂପାଦକ ଟଙ୍କଧର ବେହେରା, ସମାଜସେବୀ ଅଶୋକ କୁମାର ସ୍ୱାଇଁ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଚମ୍ପିଆନ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାକୁ ବିଶ୍ୱଜିତ୍ ସାହୁ, ରଶ୍ମି ପ୍ରକାଶ ପଟ୍ଟନାୟକ, ସମୀର ସାମଲ, କୃପାସିନ୍ଧୁ ବେହେରା, ସମୀର ସାହୁ, ସୁମନ ସାହୁ, ମୁକେଶ କୁମାର ସିଂଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସୂଚାରୁ ରୂପେ ସଂପାଦନ କରିଥିଲେ ।

# ଧବଳେଶ୍ୱର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ଆଠଗଡ: ପ୍ରଥମ ରାଜ୍ୟସ୍ତରୀୟ ଧବଳେଶ୍ୱର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି । ଆଠଗଡର ଭେଟେରାନ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ ଆଠଗଡର ମ୍ୟାଜେଷ୍ଟିକ କ୍ରିକେଟ କ୍ଲବ ଓ ନୟାଗଡ଼ କ୍ରିକେଟ କ୍ଲବ ପରସ୍ପରକୁ ଭେଟିଥିଲେ। ଆଠଗଡର ଭେଟେରାନ କ୍ରିକେଟର ପ୍ରବୀଣ ପଟ୍ଟନାୟକ, ବିଭୁ ମିଶ୍ର, ଶଙ୍କର ଶତପଥୀ, ନଳିନୀକାନ୍ତ ପଣ୍ଡା, ରଞ୍ଜୁ ଜଗତୀ, ଦିଲ୍ଲୀପ ସିଂ ସେଠୀ ପ୍ରମୁଖ ମିଳିତ ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମ୍ୟାଜେଷ୍ଟିକ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲା। ୨୦୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ନୟାଗଡ଼ କ୍ରିକେଟ କ୍ଲବ ୨୦ ଓଭରରେ ୮ ଉଇକେଟ ହରିଇ ୧୮୯ ରନ କରିବାକୁ ସକ୍ଷମ ହୋଇଥିଲା ଉଦଘାଟନୀ ମ୍ୟାଚରେ ମ୍ୟାଜେଷ୍ଟିକ କ୍ରିକେଟ କ୍ଲବ ୧୧ ରନରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ମନୋରଞ୍ଜନ ମହାନ୍ତି ଓ ବିଶ୍ୱବିଜୟୀ ରଣା ଅମ୍ପାୟାର ଭାବେ ମ୍ୟାଚଟିକୁ ପରିଚାଳନା କରିଥିଲେ ମୁଖ୍ୟଅତିଥି ରୂପେ କ୍ରୀଡା ସଂଗଠକ ପ୍ରଦ୍ୟୁମ୍ନ କୁମାର ରାୟସାମନ୍ତ ଯୋଗଦେଇ ମ୍ୟାନ ଅଫ ଦ ମ୍ୟାଚ ରାକେଶ ସାହଙ୍କୁ ପୁରସ୍କୃତ କରିଥିଲେ। ଏହି ରାଜ୍ୟସ୍ତରୀୟ ମ୍ୟାଚରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରିଛନ୍ତି।

# ବୁମ୍‌ରାଙ୍କୁ ବଡ଼ ପୁରସ୍କାର ଦେଲା ଆଇସିସି

ନୂଆଦିଲ୍ଲୀ,୧୪।୧: ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ଜସପ୍ରୀତ ବୁମରାଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାର ମିଳିଛି ଆଇସିସି ବୁମରାଙ୍କୁ ପ୍ଲେୟାର ଅଫ ଦି ମନ୍ଥ ପୁରସ୍କାର ପାଇଁ ଚୟନ କରିଛି ଡିସେମ୍ବର ୨୦୨୪ ପାଇଁ ବୁମରାଙ୍କୁ ଏହି ପୁରସ୍କାର ଦିଆଯିବ। ଆଇସିସି ଏହାର ଅଫିସିଆଲ ବେସାଇଟ ମାଧ୍ୟମରେ ଏହି ସୂଚନା ଶେୟାର କରିଛି ଭାରତର ଅଷ୍ଟ୍ରେଲିଆ। ଗସ୍ତ ସମୟରେ ବୁମରା ଘାତକ ବୋଲିଂ କରିଥିଲେ ଭାରତ-ଅଷ୍ଟ୍ରେଲିଆ। ଟେଷ୍ଟ ପାଇଁ ବୁମରାଙ୍କୁ ପ୍ଲେୟାର ଅଫ ଦି ସିରିଜ ମଧ୍ୟ ବିବେଚିତ କରାଯାଇଥିଲା।




ଭାରତ ଏବଂ ଅଷ୍ଟ୍ରେଲିଆ। ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଇଥିଲା। ଏହି ସିରିଜରେ ସର୍ବାଧିକ ଉଇକେଟ ନେବାରେ ବୁମରା ଶୀର୍ଷରେ ଥିଲେ। ସେ ୫ଟି ମ୍ୟାଚ୍‌ରେ ୩୨ଟି ଉଇକେଟ ନେଇଥିଲେ। ବୁମରା ମୋଟ ୧୫୧.୨ ଓଭର ବୋଲିଂ କରିଥିଲେ। ଏହି ସମୟ ମଧ୍ୟରେ ହାରାହାରି ୧୩.୦୬ ଥିଲା । ସର୍ବଶ୍ରେଷ୍ଠ ଆଭରେଜ୍ ଦୃଷ୍ଟିରୁ ମଧ୍ୟ ବୁମରା ଶୀର୍ଷରେ ଥିଲେ ସେ ସିରିଜରେ ତିନିଥର ପାଞ୍ଚ କିମ୍ବା ତାଠାରୁ ଅଧିକ ଉଇକେଟ ନେବାର କୃତିତ୍ୱମଧ୍ୟ ହାସଲ କରିଥିଲେ। ଅଷ୍ଟ୍ରେଲିଆର ଘାତକ ବୋଲର କମିନ୍ସ ସର୍ବାଧିକ ଉଇକେଟ ନେବାରେ ଦ୍ୱିତୀୟ ସ୍ଥାନରେ ଥିଲେ। ସେ ୫ଟି ମ୍ୟାଚ୍‌ରେ ୨୫ଟି ଉଇକେଟ ନେଇଥିଲେ। କମିନ୍ସ ପ୍ଲେୟାର ଅଫ ଦି ମନ୍ଥ ଟାଇଟଲ ପାଇଁ ଦୌଡ଼ରେ ଥିଲେ। କିନ୍ତୁ ବୁମରା ତାଙ୍କୁ ପଛରେ ପକାଇ ଦେଇଥିଲେ। ଏହା ସହିତ ଦକ୍ଷିଣ ଆଫ୍ରିକାର ବୋଲର ଡାନ ପିଟରସନଙ୍କୁ ମଧ୍ୟ ମନୋନୀତ କରାଯାଇଥିଲା। କିନ୍ତୁ ବୁମରା ତାଙ୍କୁ ମଧ୍ୟ ପଛରେ ପକାଇ ଦେଇଥିଲେ।

# ପଲେଇ ୟୁଥ୍ କ୍ଲବ ଚମ୍ପିୟନ୍

ନିଶ୍ଚିନ୍ତକୋଇଲି୧୪।୧: କଟରପଡ଼ା ପଞ୍ଚାୟତ ସ୍ଥିତ ସ୍ୱପ୍ନେଶ୍ୱର ଖେଳ ପଡ଼ିଆରେ ଉତ୍ସାହ ପରିବାର ଓ ସ୍ୱପ୍ନେଶ୍ୱର କ୍ଲବ ମିଳିତ ଆନୁକୂଲ୍ୟରେ ଏକ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏହି ଟୂର୍ଣ୍ଣାମେଣ୍ଟକୁ କ୍ରୀଡ଼ା ପ୍ରେମୀ ଫକୀର ଚରଣ ନାୟକ ଓ ଶିକ୍ଷାବିତ୍ ସୁନିଲ କୁମାର ସ୍ୱାଇଁ ଉଦଘାଟନ କରିଥିଲେ। ଏଥିରେ ୨୪ଗୋଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ।

ଫାଇନାଲ ମ୍ୟାଚରେ ମଲ୍ଲୀପୁର କ୍ରିକେଟ ଟିମକୁ ହରାଇ ପଲେଇ ୟୁଥ୍ କ୍ଲବ ଚମ୍ପିଅନ୍ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଉତ୍ସାହ ପରିବାର ସଭାପତି ଦେବାଶିଷ ବେଉରାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ରଂଜନ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଫକୀର ନାୟକ, ସମ୍ମାନୀତ ଅତିଥି ଭାବେ ସେନା ଅଧିକାରୀ ବିଜୟ କୁମାର ବରାଳ,ଯୁବନେତା ପିତାମ୍ବର ମହାନ୍ତି, ଉପସଭାପତି ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ହୋଇ ଚମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ସହିତ ପରିବେଶ ସୁରକ୍ଷା ପାଇଁ ଚାରା ଗଛ ପ୍ରଦାନ କରି ସଚେତନ କରାଇଥିଲେ । ରାଜେଶ ସ୍ୱାଇଁ,ଆଶିଷ ମହାନ୍ତି, କେଶବ ପରିଡ଼ା, ଦେବବ୍ରତ ପ୍ରଧାନ, ତପନ କୁମାର ପାତ୍ର, ଜଗନ୍ନାଥ ମହାନ୍ତି ଖେଳ ପରିଚାଳନା କରିଥିଲେ ।



# ଆଣ୍ଠେଇ ଆଣ୍ଠେଇ ତିରୁପତିଙ୍କୁ ଦର୍ଶନ କଲେ ନୀତିଶ କୁମାର

ନୂଆଦିଲ୍ଲୀ,୧୪।୧ : ଭାରତୀୟ କ୍ରିକେଟରେ ଏଭଳି ଅନେକ ଖେଳାଳି ଅଛନ୍ତି ଯେଉଁମାନଙ୍କର ଭଗବାନଙ୍କ ଉପରେ ବହୁତ ଆସ୍ଥା କିଛି ଗୁରୁପୂର୍ଣ୍ଣ ଟୁର୍ନାମେଣ୍ଟ ପୂର୍ବରୁ ସେମାନେ ଭଗବାନଙ୍କଠାରୁ ଆଶୀର୍ବାଦ ନେବାକୁ ପହଞ୍ଚିଥାନ୍ତି ଏଭଳି କିଛି ଅଷ୍ଟ୍ରେଲିଆ। ବିପକ୍ଷରେ ଶତକ ମାରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ୍ ନୀତୀଶ ରେଡ୍ଡି କରି ଚର୍ଚ୍ଚାକୁ ଆସିଛନ୍ତି।

ବର୍ଡର ଗାଭାସ୍କର ଟ୍ରଫିରେ ନୀତୀଶ ଭାରତୀୟ ଟିମ୍ ପାଇଁ ଟେଷ୍ଟ ଡେବ୍ୟୁ କରିଥିଲେ ସେ ମେଲବର୍ନ ଟେଷ୍ଟରେ ଶତକ ଲଗାଇଥିଲେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ୫ ଟେଷ୍ଟ ମ୍ୟାଚ୍‌ରେ ସେ ୩୭.୨୫ ହାରରେ ୨୯୮ ରନ୍ କରିଥିଲେ ତାଙ୍କ ବ୍ୟାଟିଂ ଅନେକଙ୍କୁ ପ୍ରଭାବିତ କରିଥିଲା। ପ୍ରଶଂସକ ମଧ୍ୟ ନୀତୀଶଙ୍କ ପ୍ରଦର୍ଶନକୁ ନେଇ ସୋସିଆଲ ମିଡିଆରେ ପ୍ରଶଂସା କରିଥିଲେ।



ଅଷ୍ଟ୍ରେଲିଆରୁ ଫେରିବା ପରେ ନୀତୀଶଙ୍କୁ ଆଉ ଏକ ଖୁସିଖବର ମିଳିଥିଲା ବିସିସିଆଇ ତାଙ୍କୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଟି୨୦ ସିରିଜରେ ଚୟନ କରିଛି ଏମିତିରେ ସେ ଭଗବାନଙ୍କୁ ଧନ୍ୟବାଦ ଜଣାଇବା ଏବଂ ତାଙ୍କ ଆଶୀର୍ବାଦ ନେବାକୁ ତିରୁପତିରେ ପହଞ୍ଚିଥିଲେ କ୍ରିକେଟର ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଭିଡିଓ ଶେୟାର କରିଛନ୍ତି ଭିଡିଓରେ ସେ ମନ୍ଦିର ସିଡ଼ିରେ ଆଣ୍ଠେଇ ଆଣ୍ଠେଇ ଚଢ଼ୁଥିବା ଦେଖାଯାଇଛି ।ଏହା ତାଙ୍କ ଭଗବାନଙ୍କ ପ୍ରତି ଥିବା ଶ୍ରଦ୍ଧାକୁ ଦର୍ଶାଉଥିବା ପ୍ରଶଂସକ ପ୍ରତିକ୍ରିୟା ରଖୁଛନ୍ତି।

# ତୃତୀୟ ଜିଲ୍ଲାସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

କେନ୍ଦ୍ରାପଡା,୧୪।୧ : କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟିତ କରି କହିଲେ ଯେ କ୍ରୀଡା ଦ୍ୱାରା ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରାପଡାବାସୀଙ୍କ ନିମନ୍ତେ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ଟି ଦଳ ଭାଗ ନେଇଥିଲେ । କେନ୍ଦ୍ରାପଡା କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ଟିମ୍, ଜିଲ୍ଲା ଆଡ୍‌ମିନିଷ୍ଟ୍ରେଟର୍ ଟିମ୍, କେନ୍ଦ୍ରାପଡା ଆଇନଜୀବୀ ଟିମ୍, କେନ୍ଦ୍ରାପଡା ମିଡିଆ ଟିମ୍-ଏ ଓ ମିଡିଆ ଟିମ୍ -ବି, କେନ୍ଦ୍ରାପଡା ପୋଲିସ ଟିମ୍, କେନ୍ଦ୍ରାପଡା ଏକ୍‌ସାଇଜ୍ ରାଇଜିଂ ଟିମ୍ ଓ କେନ୍ଦ୍ରାପଡା ମ୍ୟୁନିସିପାଲିଟି କାଉନ୍‌ସିଲର ଟିମ ମଧ୍ୟରେ ସୋମବାର ଦିନ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜିଲ୍ଲା ପୋଲିସ ଟିମ୍, ଜିଲ୍ଲା ମିଡିଆ ଟିମ୍ (ଏ), ଜିଲ୍ଲା ଆଇନଜୀବୀ ଟିମ୍ ଓ ମିଡିଆ ଟିମ୍ (ବି) ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି। ବୁଧବାର ଦିନ ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ସନ୍ଧ୍ୟା ସାଢେ ୫ଟାରୁ ଆରମ୍ଭ ହୋଇ ରାତି ୧୦ଟାରେ ଶେଷ କରାଯିବ ବୋଲି ସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ସମ୍ପାଦକ ସୌଭାଗ୍ୟ ରଞ୍ଜନ ଦାସ, ପଲ୍ଲବୀ ପ୍ରିୟଦର୍ଶିନୀ, ଦିବ୍ୟରଞ୍ଜନ ବେହେରା, ବିବେକାନନ୍ଦ ନାୟକ, ସୂର୍ଯ୍ୟ ନାରାୟଣ ବେହେରା, ସୁକାନ୍ତ କୁମାର ଜେନା, ଉମେଶ ଚନ୍ଦ୍ର ବେହେରା, ପ୍ରମୋଦ କୁମାର ସାହୁ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ। ସେକ୍ ଅସଲାମ୍, ଦେବାଶିଷ, ପ୍ରିୟବ୍ରତ ଜେନା, ସେକ୍ ଚନ୍ଦନ ପ୍ରମୁଖ ଅମ୍ପାୟାର ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

# ୧୦୦ କୋଟି ସମ୍ପତ୍ତିର ମାଲିକାଣୀ ସାମନ୍ଥା



ସାମନ୍ଥା ରୁଥ୍ ପ୍ରଭୁ । ଦକ୍ଷିଣ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଯାହାଙ୍କୁ କୌଣସି ପରିଚୟର ଆବଶ୍ୟକତା ନାହିଁ ଏଯାଏ ସେ ବଲିଉଡରେ କାମ କରିନାହାନ୍ତି ସତ ହେଲେ ତଥାପି ତାଙ୍କର ଲୋକପ୍ରିୟତା କୌଣସି ହିନ୍ଦୀ ସିନେମା ଷ୍ଟାରଙ୍କଠାରୁ କମ ନୁହେଁ ବଲିଉଡ୍ ପ୍ରଶଂସକମାନେ ମଧ୍ୟ ସାମନ୍ଥାଙ୍କ ଫିଲ୍ମ ଦେଖିବାକୁ ଭଲ ପାଆନ୍ତି ସାମନ୍ଥା ପୁଷ୍ପାରେ ଆଇଟମ୍ ଗୀତ ଉଁ ଅଣ୍ଟା କରିବା ଦିନଠାରୁ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ବହୁତ ବଢ଼ିଯାଇଛି ଯଦିଓ ସାମନ୍ଥା ଆଜି ସାରା ବିଶ୍ୱରେ ଲୋକପ୍ରିୟ, ହେଲେ ଦିନ ଥିଲା ଯେବେ ସେ ଦିନରେ ଗୋଟିଏ ଓଳି ଖାଦ୍ୟ ଖାଇ ବଞ୍ଚୁଥିଲେ। ଆସନ୍ତୁ ଆମେ ଆପଣଙ୍କୁ ସାମନ୍ଥାଙ୍କ ଜୀବନର ସଂଘର୍ଷ ବିଷୟରେ କହିବୁ।

ସାମନ୍ଥା ଅନେକ ବଡ଼ ପ୍ରୋଜେକ୍ଟରେ କାମ କରିଛନ୍ତି ପବନ କଲ୍ୟାଣ, ମହେଶ ବାବୁ ଏବଂ ଆଲୁ ଅର୍ଜୁନଙ୍କ ଭଳି ପ୍ରସିଦ୍ଧ ଅଭିନେତାଙ୍କ ସହ ସେ କାମ କରିଛନ୍ତି ଯେବେଠାରୁ ସେ ଅଭିନୟରେ କରିଛନ୍ତି ଆଉ ପଛକୁ ଫେରି ଚାହିଁ ନାହାନ୍ତି ହିଟ୍ ପରେ ହିଟ୍ ଫିଲ୍ମ ଦେଇ ସେ ଆଗଧାଡ଼ିର ଅଭିନେତ୍ରୀ ପାଲଟିଛନ୍ତି।

ହେଲେ ଏକଦା ସାମନ୍ଥା ତାଙ୍କ ସଂଘର୍ଷପୂର୍ଣ୍ଣ ଦିନଗୁଡ଼ିକ ବିଷୟରେ ମନେପକାଇ କହିଥିଲେ, ମୁଁ ଦ୍ୱାଦଶ ଶ୍ରେଣୀ ପରେ କାମ କରିବା ଆରମ୍ଭ କରିଥିଲି ମଡେଲିଂ ସମୟରେ ମୋତେ ବହୁତ ସଂଘର୍ଷ କରିବାକୁ ପଡିଥିଲା। ସେହି ସମୟ ବହୁତ କଷ୍ଟରେ ଗୁଜରାଣ ମେଣ୍ଟାଉ ଥିଲି ମୋର ସ୍ନାତକ ସମାପ୍ତ କରିବା ପରେ, ମୁଁ ମଡେଲିଂ ଆରମ୍ଭ କଲି କିନ୍ତୁ ଘରର ଆର୍ଥିକ ଅବସ୍ଥା ଭଲ ନଥିଲା। ସେଥିପାଇଁ ମୁଁ ଶୀଘ୍ର କାମ କରିବା ଆରମ୍ଭ କରିଥିଲି ହଁ, କିନ୍ତୁ ମଡେଲିଂ ଦିନଗୁଡ଼ିକରେ କାମ କରିବା ସହଜ ନ ଥିଲା ଅନେକ ଥର ମୋତେ ଦିନକୁ କେବଳ ଓଳିଏ ଖାଇ ବଞ୍ଚିବାକୁ ପଡୁଥିଲା।

ଯେ ମାୟା ଚେସାଭେ ଫିଲ୍ମରୁ ସାମନ୍ଥାଙ୍କୁ ଲୋକପ୍ରିୟତା ମିଳିଥିଲା ଏହି ସିନେମାରେ ସେ ତାଙ୍କ ପୂର୍ବତନ ସାମୀ ନାଗା ଚୈତନ୍ୟଙ୍କ ସହ ନଜର ଆସିଥିଲେ ପ୍ରସିଦ୍ଧ ହିନ୍ଦୀ ବେ ସିରିଜ ଫ୍ୟାମିଲି ମ୍ୟାନ୍ ସିଜିନ ୨ରେ ସାମନ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ ।ଏହି ଶୋରେ ତାଙ୍କୁ ଆକ୍ସନ କରୁଥିବାର ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ସେ ବରୁଣ ଧାନଙ୍କ ସହ ସିଟାଡେଲର ହିନ୍ଦୀ ସଂସ୍କରଣରେ ମଧ୍ୟ ନଜର ଆସିଛନ୍ତି ସାମନ୍ଥାଙ୍କ ସମ୍ପତ୍ତି ବିଷୟରେ କହିବାକୁ ଗଲେ, ତାଙ୍କର ସମ୍ପତ୍ତି ୧୦୧ କୋଟି ଟଙ୍କା ଏହି ଅଭିନେତ୍ରୀ ଫିଲ୍ମ ପାଇଁ ଭଲ ଫିସ୍ ନିଅନ୍ତି ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ମାଧ୍ୟମରେ ମଧ୍ୟ ବହୁତ ରୋଜଗାର କରିଥାନ୍ତି।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର